ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ । ତୁମର ନିମ୍ନପ୍ରକୃତିରୁ ଉଦ୍‌ଭୂତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡା ପୁତ୍ତଳିକା ହେବା ଉଚିତ ନୁହେଁ । **–ଶ୍ରୀମା**

# ଗୋରୁ, ଆଇଏଏସ୍

କ୍ଷମତା ଉପଭୋଗ ବିଷୟ ଉଠିଲେ ସାଧାରଣରେ ରାଜନୈତିକ ବ୍ୟକ୍ତିଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ ହୋଇଥାଏ । କିନ୍ତୁ ଭାରତରେ ସର୍ବାଧିକ କ୍ଷମତା ଅମଲାତନ୍ତ୍ରୀମାନେ ଉପଭୋଗ କରୁଥିବା ପ୍ରମାଣିତ । ରାଜନେତା ଏକ ସାମୟିକ ସମୟ ପାଇଁ ଲୋକଙ୍କ ଦ୍ୱାରା ବଛା ହେଉଥିବା ବେଳେ ଅମଲାତନ୍ତ୍ରୀ ସରକାରଙ୍କ ଦ୍ୱାରା ଏକ ଲମ୍ବା ଅବଧି ସକାଶେ ନିଯୁକ୍ତ ହୋଇଥାଆନ୍ତି । କୁହାଯାଏ ଥରେ ଜଣେ ସରକାରୀ ଚାକିରି ପାଇଗଲେ ତାହା ଯିବା ଅତ୍ୟନ୍ତ କଷ୍ଟକର । ଚାକିରି ଯିବାର ଭୟ ନ ଥିବାରୁ ସେମାନେ ଅଧିକ ମନମୁଖି ନିଷ୍ପତ୍ତି ନେଇଥାଆନ୍ତି । ଏହି ଅମଲାତନ୍ତ୍ରୀଙ୍କ ମଧ୍ୟରୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଏବଂ ଭାରତୀୟ ପୋଲିସ ସେବା (ଆଇପିଏସ୍)ର ଅଧିକାଂଶ ଅଧିକାରୀ ଜନସାଧାରଣଙ୍କୁ ସେବା ଯୋଗାଇବା ଅପେକ୍ଷା ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିବାର ଲକ୍ଷ୍ୟ କରାଯାଉଛି । ଗତମାସ ଦିଲ୍ଲୀରେ ଆଇଏଏସ୍ ଅଧିକାରୀ ସଞ୍ଜୀବ ଖିରୱାର ଦିଲ୍ଲୀ ଷ୍ଟାଡିୟମ୍‌ରେ ତାଙ୍କ କୁକୁରକୁ ବୁଲାଇବା ପାଇଁ ସମସ୍ତ ଖେଳାଳିଙ୍କୁ ସନ୍ଧ୍ୟା ୭ଟା ପୂର୍ବରୁ ବିଦା କରିବାର ନିର୍ଦ୍ଦେଶ ଦେଇଥିବା ନେଇ ଖବର ପ୍ରକାଶ ପାଇଥିଲା । ସେ ତାଙ୍କ କୁକୁର ସହ ସମଗ୍ର ଷ୍ଟାଡିୟମ୍‌ରେ ଯେଭଳି ବିନା ବାଧାରେ ବୁଲିପାରିବେ ସେଥିଲାଗି ପ୍ରଶାସନିକ ସ୍ତରରେ ବ୍ୟବସ୍ଥା କରାଯାଇଥିଲା । ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଖିରୱାର ଓ ତାଙ୍କ ସ୍ତ୍ରୀ ରିଙ୍କି ଦୁଗାଙ୍କୁ ରାଜ୍ୟ ବାହାରକୁ ବଦଳି କରାଯାଇଥିଲା । ସ୍ୱାମୀଙ୍କୁ ପଠାଗଲା ଲଦାଖ ଓ ସ୍ତ୍ରୀଙ୍କୁ ପଠାଗଲା ଅରୁଣାଚଳ ପ୍ରଦେଶ । ଏବେ ଉତ୍ତର ପ୍ରଦେଶର ଫତେପୁର ଜିଲାପାଳ ଅନୁପ୍ରିୟା ଦୁବେ ତାଙ୍କ ଅସୁସ୍ଥ ଗାଈର ଚିକିତ୍ସା ସକାଶେ ୭ ଜଣ ପ୍ରାଣୀ ଚିକିତ୍ସକଙ୍କୁ ଦାୟିତ୍ୱ ଦେଇଥିବା ଖବର ମିଳିଛି । ଫତେପୁର ମୁଖ୍ୟ ଭେଟେରିନାରି ଅଫିସର ଡାକ୍ତର ଏସ୍. କେ. ତିୱାରିଙ୍କ ଅଧକ୍ଷତାରେ ଏକ ଟିମ୍ ଗଠନ କରାଯାଇ ସେଥିରେ ୭ ଜଣ ଡାକ୍ତରଙ୍କ ନାମ ରହିଥିବା ଏକ ନୋଟିସ୍ ବିଷୟରେ ଖବର ପ୍ରକାଶ ପାଇବା ପରେ କଲେକ୍ଟରଙ୍କ ଜନସେବା ପ୍ରତି କେତେ ପ୍ରତିବଦ୍ଧତା ଅଛି ଜଣାପଡ଼ିଯାଇଛି । ଏ କଥା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲାପାଳ ଅନୁପ୍ରିୟା ତାଙ୍କ ବିରୋଧରେ ଏହା ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି ।

ଭାରତରେ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ନିଜ କାର୍ଯ୍ୟ ତୁଲାଇବା ପାଇଁ ଯେଉଁସବୁ ବ୍ୟବସ୍ଥା ଦରକାର ତାହା ନିଶ୍ଚିତ ଭାବେ ଆବଶ୍ୟକ । ତତ୍‌ସହିତ ଆରାମଦାୟକ ଜୀବନ ବିତାଇବାର ସୁବିଧା ବି କରାଯାଏ । କିନ୍ତୁ ଅଳ୍ପ କେତେକଙ୍କୁ ବାଦ୍ ପକାଇଲେ ଅନେକେ ଉତ୍ତୁରୁଛନ୍ତି । ସେମାନେ ସର୍ବଦା ସାହେବୀ ଢଙ୍ଗରେ ସେବା ମିଳୁ ବୋଲି ଚାହିଁଥାଆନ୍ତି । ଏବେ ଅନୁପ୍ରିୟା ଯେଭଳି ଭାବେ ତାଙ୍କ ଗାଈର ଚିକିତ୍ସା ପାଇଁ ୭ ଜଣିଆ ଟିମ୍ ଗଠନ କଲେ ତାହା ଦେଖିବାକୁ ଗଲେ, ତାଙ୍କ କ୍ଷମତା ବହିର୍ଭୂତ ନୁହେଁ । ମାତ୍ର ତାହା ନିଶ୍ଚିତ ଭାବେ ତାଙ୍କ ଦାୟିତ୍ୱ ବହିର୍ଭୂତ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଜିଲାପାଳଙ୍କ କ୍ଷମତା ପରିସର ଭିତରେ ଏଭଳି ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରିବାର ସମ୍ଭାବନା ରହିଛି । କାରଣ ଜିଲାପାଳ ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ (ସିଡିଭିଓ)ଙ୍କ ଗୁପ୍ତ ଚରିତ୍ର ପଞ୍ଜିକା (ସିସିଆର୍) ଲେଖିଥାଆନ୍ତି । ସାଧାରଣରେ ବିଶ୍ୱାସ କରାଯାଏ ଯେ ଅଫିସରମାନେ ନିଜର ଅସରନ୍ତି କ୍ଷମତାକୁ ଅପବ୍ୟବହାର କରିବେ ନାହିଁ । ଅନେକେ ମତ ଦେଇଥାଆନ୍ତି ଯେ, ଯୁବପିଢ଼ିର ଆଇଏଏସ୍ କିମ୍ବା ଆଇପିଏସ୍ ଅଧିକାରୀ ବରିଷ୍ଠଙ୍କ ତୁଳନାରେ ଦୁର୍ନୀତି କିମ୍ବା କ୍ଷମତା ଅପବ୍ୟବହାର କମ୍ କରିଥାଆନ୍ତି । ଏହିଭଳି ଧାରଣା ସମ୍ପୂର୍ଣ୍ଣ ଭାବେ ତ୍ରୁଟିପୂର୍ଣ୍ଣ । ମାରି ଖାଇଯିବାରେ ଏହି ଦୁଇ ବର୍ଗଙ୍କର ବୟସ, ଜାତି, ଧର୍ମ, ଲିଙ୍ଗ କିମ୍ବା ଅନ୍ୟ କୌଣସି ବାଟରେ କେହି କାହାଠାରୁ ଊଣା ନୁହନ୍ତି । ସ୍ୱାମୀ ଜିଲାପାଳ ଥିଲେ ସ୍ତ୍ରୀ କହିବେ ଆମେ ଜିଲାପାଳ ଅଛୁ । ସ୍ତ୍ରୀ ଜିଲାପାଳ ଥିଲେ ସ୍ୱାମୀ ସବୁ ଠିକାଦାରଙ୍କ ସେଟିଂରେ ବ୍ୟସ୍ତ ରହନ୍ତି । ଯଦି ଉଭୟ ଆଇଏଏସ୍ ଅଫିସର, ତେବେ କଳାଧଳା ଘୋଡ଼ା ଭଳି ଉଭୟେ ମଉଜରେ ଚରିବୁଲି ଖାଇଯାଆନ୍ତି ।

ମିଳିଥିବା ଖବରରୁ ଜଣାପଡ଼ିଛି ଯେ, ଅନୁପ୍ରିୟାଙ୍କ ନିର୍ଦ୍ଦେଶ ମୁତାବକ ପ୍ରତିଦିନ ଦୁଇଓଳି ଜଣେ ଜଣେ ଡାକ୍ତର ଗାଈର ଚିକିତ୍ସା କରିବା ଲାଗି କୁହାଯାଇଥିଲା । ଗୋଟିଏ ଗାଈ ପାଇଁ ୭ ଜଣ ଡାକ୍ତରଙ୍କୁ ହାତବାନ୍ଧି ରଖି ଦିଆଯିବା ଦ୍ୱାରା ଅନ୍ୟ ପ୍ରାଣୀସମ୍ପଦଙ୍କୁ ସିଡିଭିଓ ଏବଂ ତାଙ୍କ ବିଭାଗ ମାଧ୍ୟମରେ ଯେଉଁ ସେବା ଯୋଗାଇବା କଥା ତାହା ଅଣଦେଖା ହୋଇଛି । ତେବେ ସେଗୁଡ଼ିକୁ କିଏ ପଚାରେ । କଲେକ୍ଟର ହେଲେ ସର୍ବେସର୍ବା । କିଏ ଜଣେ କହିଥିଲେ– ଭାରତକୁ ଶାସନ କରୁଛନ୍ତି ପିଏମ୍ (ପ୍ରଧାନମନ୍ତ୍ରୀ), ସିଏମ୍ (ମୁଖ୍ୟମନ୍ତ୍ରୀ) ଏବଂ ଡିଏମ୍ (ଜିଲାପାଳ) । ଜୀବନରେ ଗୋଟିଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେ ଏମାନେ ଆଧ୍ୟାତ୍ମିକ ଶକ୍ତିଠାରୁ ଅର୍ଥଶକ୍ତି ପର୍ଯ୍ୟନ୍ତ ସବୁକିଛି ହାସଲ କରିନିଅନ୍ତି । ଜନସାଧାରଣଙ୍କୁ ଛି ଛାକର ବ୍ୟବହାର ଦେଖାଇ ନିଜର ଅନୁଗତ ଗୋଷ୍ଠୀ ସୃଷ୍ଟି କରନ୍ତି । କୌତୂହଳର ବିଷୟ ହେଉଛି ଯେ, ଏମାନଙ୍କ ମଧ୍ୟରୁ ସୀମା ଟପିଗଲା ଭଳି ନିଆଁଗିଳା ମଧ୍ୟ ଅନେକ ଅଛନ୍ତି । ବଦଳି ହେଲେ ଅନୁଗତ ଗୋଷ୍ଠୀଙ୍କୁ ଉତ୍ସାହିତ କରି ପ୍ରତିବାଦ ସଭା ଏବଂ ଛୋଟକାଟିଆ ରାଲି କରିଦେବାର ନଜିର ରହିଛି । ତଥାପି ସାଧାରଣରେ ବଦଳି ବାତିଲ ହୁଏ ନାହିଁ । ଅନୁପ୍ରିୟା ଉତ୍ତରପ୍ରଦେଶର ଜିଲାପାଳ ହୋଇଥିବାରୁ ଧରି ନେଇଛନ୍ତି ସେଠାକାର ଭାଜପା ସରକାର ଗାଈ ପାଇଁ ଯାହା କଲେ ମଧ୍ୟ ସବୁକିଛି କ୍ଷମଣୀୟ । ସମ୍ଭବତଃ ସାହସ କରି ୭ ଜଣ ଡାକ୍ତରଙ୍କୁ ତାଙ୍କ ଗାଈର ସେବା ପାଇଁ ନିୟୋଜିତ କରିଛନ୍ତି ।

ଦେଶବାସୀ ଜାଣିଛନ୍ତି, ଉତ୍ତରପ୍ରଦେଶ ଦାଦ୍ରିରେ ମହମ୍ମଦ ଅଖଲାଖ୍‌ଙ୍କ ଘରେ ଗୋମାଂସ ରହିଥିବା ଗୁଜବ ସୃଷ୍ଟି ହେବା ପରେ କିଭଳି ତାଙ୍କୁ ପିଟି ମାରି ଦିଆଯାଇଥିଲା । ଅର୍ଥାତ୍ ଗୋରୁଙ୍କ ପାଇଁ ସେଠାରେ ମଣିଷଙ୍କ ଜୀବନ ମୂଲ୍ୟହୀନ ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା । ସମ୍ଭବତଃ ଇତିହାସକୁ ଦେଖି ଅନୁପ୍ରିୟା ଭାବିଛନ୍ତି ତାଙ୍କ ଗାଈର ସେବା ଲାଗି ୭ ଜଣ ଡାକ୍ତରଙ୍କୁ ଦାୟିତ୍ୱ ଦିଆଯିବାରେ କୌଣସି ଅସ୍ୱାଭାବିକତା ନାହିଁ ।

ଏଠାରେ ଗୋରୁ ବିଶେଷକରି ଗୋରୁ, ଆଇଏଏସ୍‌ଙ୍କ ପ୍ରତି ଅବିଚାର କଲାଭଳି ଯୁକ୍ତି ରଖାଯାଉ ନାହିଁ । କିନ୍ତୁ ଜିଲାରେ ଥିବା ଅନ୍ୟସବୁ ପ୍ରାଣୀଙ୍କ ପ୍ରତି ବିଭାଗୀୟ ଡାକ୍ତର ସୁଦୃଷ୍ଟି ରଖିବା ଦରକାର । ସେହି କାର୍ଯ୍ୟରେ ଜିଲାପାଳ ଯଦି ସହାୟକ ହୋଇପାରନ୍ତେ, ତେବେ ଅନେକ ପରିବର୍ତ୍ତନ ଆସିପାରନ୍ତା ।

# ବିଶ୍ୱ ଅର୍ଥ ବ୍ୟବସ୍ଥା ଟଳମଳ



ଡ. ସନ୍ତୋଷ କୁମାର ମହାପାତ୍ର

ବିଶ୍ୱରେ ରିସେସନ ବା ମାନ୍ଦାବସ୍ଥା ଦେଖାଦେଇଛି ବୋଲି କେହି କହିଲା ବେଳେ ଆଉ କେତେଜଣ କହୁଛନ୍ତି 'ଟେକ୍ନିକାଲ ରିସେସନ' ଆଡ଼କୁ ମୁହାଁଉଛି । କିନ୍ତୁ ଏକ ଦେଶ ପାଇଁ ରିସେସନର ପରିଭାଷା ଏବଂ ବିଶ୍ୱ ଅର୍ଥନୀତି ଲାଗି ପରିଭାଷା ସମାନ ନୁହେଁ । କୌଣସି ଦେଶରେ 'ଟେକ୍ନିକାଲ ରିସେସନ' ଦେଖାଦେଇଛି ବୋଲି କୁହାଯିବ ଯଦି ଲଗାତର ଦୁଇଟି ତ୍ରୟମାସରେ ଜିଡିପି ବିଯୁକ୍ତାତ୍ମକ ହୁଏ । କିନ୍ତୁ ଗ୍ରୋଥ ରିସେସନ ଦେଖାଦେଇଛି ବୋଲି କୁହାଯିବ, ଯେତେବେଳେ ଅର୍ଥନୀତିରେ ସଂଜ୍ଞା ଦୃଷ୍ଟିରୁ ରିସେସନ ନ ଥାଏ ; କିନ୍ତୁ ରିସେସନର ଲକ୍ଷଣ ଯଥା ନିବେଶ ବା ଇନଭେଷ୍ଟମେଣ୍ଟ ହ୍ରାସ, ଅଭିବୃଦ୍ଧି ହାର ହ୍ରାସ, ନିଯୁକ୍ତି ସଙ୍କୋଚନ, ବେକାରି ବୃଦ୍ଧି, ଉତ୍ପାଦନ ହ୍ରାସ ତଥା ଅର୍ଥନୈତିକ କାର୍ଯ୍ୟକଳାପ ହ୍ରାସ ପାଇଥାଏ । ଏହି ତତ୍ତ୍ୱ ନ୍ୟୁୟର୍କ ୟୁନିଭର୍‌ସିଟିର ପ୍ରଫେସର ଅର୍ଥନୀତିଜ୍ଞ ସୋଲେମାନ ଫ୍ୟାବ୍ରିକାଣ୍ଟ ବାହାର କରିଥିଲେ । ଅପରପକ୍ଷରେ ଆର୍ଥିକ ସ୍ଲୋ ଡାଉନ ବା ମନ୍ଥର ଅଭିବୃଦ୍ଧି କହିଲେ ଆର୍ଥିକ ଅଭିବୃଦ୍ଧି ହାର କ୍ରମଶଃ ହ୍ରାସ ପାଇଥାଏ । ଆମେରିକାର ନ୍ୟାଶନାଲ ଇକୋନୋମିକ ରିସର୍ଚ୍ଚ ବ୍ୟୁରୋ ଅନୁସାରେ ଏକ ଅର୍ଥନୀତିରେ ରିସେସନ ଦେଖାଦେଇଛି ବୋଲି କୁହାଯିବ, ଯେତେବେଳେ ଅର୍ଥନୈତିକ କାର୍ଯ୍ୟକଳାପ ହ୍ରାସ ପାଏ, ଏହା କିଛି ମାସରୁ ଅଧିକ ସମୟ ଧରି ରହିଥାଏ ।

ବିଶ୍ୱ ଅର୍ଥନୀତିରେ ରିସେସନର ପରିଭାଷା ସାଧାରଣତଃ ଭିନ୍ନ ହୋଇଥାଏ । ଆଇଏମ୍‌ଏଫ୍ ଏବଂ ବିଶ୍ୱ ବ୍ୟାଙ୍କ ଅନୁସାରେ ବିଶ୍ୱ ଅର୍ଥନୀତିରେ ରିସେସନ ଦେଖାଦେଇଛି ବୋଲି କୁହାଯିବ ଯଦି ବିଶ୍ୱବାସୀଙ୍କ ହାରାହାରି ଆୟ ହ୍ରାସ ପାଇଥାଏ । ଏହି ସଂଜ୍ଞା ଅନୁସାରେ ବିଶ୍ୱ ଅର୍ଥନୀତିରେ ରିସେସନ ୧୯୭୫, ୧୯୮୨, ୧୯୯୧, ୨୦୦୯ ଓ ୨୦୨୦ ଦେଖାଦେଇଥିଲା । ଆଇଏମ୍‌ଏଫ୍ ଜିଡିପି ହ୍ରାସ ବ୍ୟତୀତ ଅତିରିକ୍ତ କାରଣଗୁଡିକ ଦେଖେ । ସେଗୁଡ଼ିକ ହେଉଛି ବାଣିଜ୍ୟ, ପୁଞ୍ଜି ପ୍ରବାହ, ଶିଳ୍ପ ଉତ୍ପାଦନ, ତୈଳ ବ୍ୟବହାର, ମୁଣ୍ଡପିଛା ବିନିଯୋଗ ଏବଂ ମୁଣ୍ଡପିଛା ବ୍ୟୟ ହ୍ରାସ ପାଇବା ଏବଂ ବେକାରି ହାର ବୃଦ୍ଧି ପାଇବା । ସେହିପରି ଏକ ଦେଶର ଅର୍ଥନୀତିରେ ଡିପ୍ରେସନ ଦେଖାଦେଇଛି ବୋଲି କୁହାଯିବ, ଯଦି ଅଭିବୃଦ୍ଧି ଲଗାତର ଭାବେ ୩ବର୍ଷ ଧରି ବିଯୁକ୍ତାତ୍ମକ ହୁଏ ବା ଜିଡିପି ଏକ ବର୍ଷରେ ୧୦%ରୁ ଊର୍ଦ୍ଧ୍ୱ ହ୍ରାସ ପାଏ ବା ବେକାରି ହାର ୨୫% ବା ତାହାଠାରୁ ଅଧିକ ହୋଇଥାଏ ।

କିନ୍ତୁ ବାସ୍ତବରେ ଭାରତ ସମେତ କିଛି ବୃହତ୍ ଅର୍ଥନୀତିରେ ଭୟାନକ ସ୍ଥାଣୁତ୍ୱଯୁକ୍ତ ମୁଦ୍ରାସ୍ଫୀତି (ଷ୍ଟାଗଫ୍ଲେସନ) ବା ରିସେସନ–ମୁଦ୍ରାସ୍ଫୀତି ଦେଖାଦେବା ସହିତ ବିଶ୍ୱ ଅର୍ଥନୀତି ସାମଗ୍ରିକ ଭାବେ ଭୟଙ୍କର ଏବଂ ଭୟାନକ ସ୍ଥାଣୁତ୍ୱଯୁକ୍ତ ମୁଦ୍ରାସ୍ଫୀତି ଆଡକୁ ମୁହାଁଇଛି । ସାଧାରଣତଃ ମୁଦ୍ରାସ୍ଫୀତି ସହିତ ଅଧିକ ଅଭିବୃଦ୍ଧି, ନିଯୁକ୍ତି ଜଡିତ ରହିଛି , କିନ୍ତୁ ଷ୍ଟାଗଫ୍ଲେସନ ହେଉଛି ଅର୍ଥନୀତିର ସ୍ଥାଣୁତା ଏବଂ ମୁଦ୍ରାସ୍ଫୀତିର ମିଶ୍ରଣ । ଗୋଟିଏ ପଟେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଲା ବେଳେ ଅପରପଟେ ଆର୍ଥିକ ଅଭିବୃଦ୍ଧି ହ୍ରାସ ଘଟେ, ବେରୋଜଗାରି ବୃଦ୍ଧି ପାଏ । ମୁଦ୍ରାସ୍ଫୀତି ୨ରୁ ୪% ଅର୍ଥନୀତି ପାଇଁ ଭଲ, କିନ୍ତୁ ଅଧିକ ହେଲେ, ତାହା ଖରାପ, ହାନିକାରକ । ମୁଦ୍ରାସ୍ଫୀତିର ନିୟନ୍ତ୍ରଣ ପାଇଁ କିଛି ପ୍ରମୁଖ ପଦକ୍ଷେପ ମଧ୍ୟରୁ ସୁଧହାର ବୃଦ୍ଧି ଅନ୍ୟତମ । କାରଣ ସୁଧହାର ବୃଦ୍ଧି ଋଣ ପରିବ୍ୟୟକୁ ଅଧିକ ବ୍ୟୟସାପେକ୍ଷ କରି ଲୋକଙ୍କ କ୍ରୟଶକ୍ତି, ବିଭିନ୍ନ ଦ୍ରବ୍ୟ ଓ ସେବାର ଚାହିଦା ହ୍ରାସ କରିବା ସହ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିଥାଏ । କିନ୍ତୁ ଏହାର କୁପ୍ରଭାବ ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ଉପରେ ପଡେ । ଏଣୁ ଷ୍ଟାଗଫ୍ଲେସନ ବହୁତ ଭୟଙ୍କର ।

ନିକଟରେ ବିଶ୍ୱ ବ୍ୟାଙ୍କର ସର୍ବଶେଷ ଗ୍ଲୋବାଲ ଇକୋନୋମିକ ପ୍ରସପେକ୍ଟସ ରିପୋର୍ଟ – ଯାହା ବିଶ୍ୱର ଆର୍ଥିକ ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରେ – ଅନୁଯାୟୀ ବିଶ୍ୱର ଆର୍ଥିକ ଅଭିବୃଦ୍ଧି ୨୦୨୨ରେ ୫.୭% ହେବ ବୋଲି ପୂର୍ବରୁ ଆକଳନ କରାଯାଇଥିଲା ବେଳେ ବର୍ତ୍ତମାନ ୨.୨୨%କୁ ହ୍ରାସ ପାଇବ ବୋଲି ଚେତାବନୀ ଦେଇଛି । ତାହାର ମୁଖ୍ୟ କାରଣ ହେଲା ଯେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ, କରୋନା ମହାମାରୀର ଆର୍ଥିକ ପ୍ରଭାବକୁ ଆହୁରି ଭୟଙ୍କର କରିଛି । ବିଶ୍ୱ ଅର୍ଥନୀତିରେ ରିସେସନ ବା ମାନ୍ଦାବସ୍ଥା ଦେଖାଦେଇଛି ଏବଂ ଆଗାମୀ ଦିନରେ ଏହା ୧୯୭୦ ଦଶକ ପରି ଭୟଙ୍କର ଷ୍ଟାଗଫ୍ଲେସନ ରୂପ ନେବାକୁ ଯାଉଛି ।



ବିଶ୍ୱର ଆମେରିକା ସହିତ ସବୁ ବୃହତ୍ ଅର୍ଥନୀତିରେ ମୁଦ୍ରାସ୍ଫୀତି ଭୟାନକ ଭାବେ ଅଧିକ ଥିଲାବେଳେ, ସେହିସବୁ ଦେଶ ସୁଧହାର ବୃଦ୍ଧି କରୁଛନ୍ତି । ଆମେରିକା ମାର୍ଚ୍ଚ ମାସରେ ସୁଧହାର ୦.୨୫% ଓ ମେ ମାସରେ ୦.୫ ବୃଦ୍ଧି କରିବା ଯୋଗୁଁ ଭାରତ ସମେତ ଅନ୍ୟ ଦେଶ ସୁଧହାର ବୃଦ୍ଧି କରିଛନ୍ତି । ବାସ୍ତବରେ ବିଶ୍ୱରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇବାର ମୁଖ୍ୟ କାରଣ ହେଲା ନିଜେ ସରକାର ତାଙ୍କର ଓ କର୍ପୋରେଟଙ୍କ ସୁଧ ଜନିତ ପରିବ୍ୟୟକୁ ଅତ୍ୟଧିକ ନିମ୍ନ ରଖିବା, କମ୍ପାନୀ ଓ ବ୍ୟବସାୟୀଙ୍କ ସ୍ୱାର୍ଥ ପାଇଁ ମହାମାରୀ ସମୟରେ ବଜାରରେ ଅଧିକ ମୁଦ୍ରା ଯୋଗାଣ କରିବା, ଧନୀମାନେ ଅତ୍ୟଧିକ କଳା ଟଙ୍କା ବ୍ୟୟକରି ବିଭିନ୍ନ ଦ୍ରବ୍ୟ ଓ ସେବା ଅତ୍ୟଧିକ ମାତ୍ରାରେ କ୍ରୟ କରିବା ଯୋଗୁ ଭୟଙ୍କର ମୁଦ୍ରାସ୍ଫୀତି ଦେଖାଦେଇଛି ।

ଭାରତରେ ସ୍ଥିତି ଅତ୍ୟନ୍ତ ଭୟଙ୍କର । ଅର୍ଥନୀତି ଭୟଙ୍କର ବିପର୍ଯ୍ୟୟ ଆଡକୁ ଗତି କରୁଛି ଏବଂ ଭୟାନକ ଷ୍ଟାଗଫ୍ଲେସନ ଦେଖାଦେଇଛି । ବେକାରି ହାର ୨୦୨୨ ଏପ୍ରିଲରେ ୭.୮୩% ରହିଛି । ଏପ୍ରିଲରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି (ଉପଭୋକ୍ତା ମୁଦ୍ରାସ୍ଫୀତି) ସର୍ବାଧିକ ୭.୭୯ % କୁ ବୃଦ୍ଧି ପାଇଛି ; ଯାହା ଗତ ୮ ବର୍ଷରେ ସର୍ବାଧିକ । ମେ ୨୦୧୪ରେ ୮.୩୩% ଥିଲା । କ୍ରମାଗତ ଚତୁର୍ଥ ମାସ ଧରି ଏହି ମୁଦ୍ରାସ୍ଫୀତି ୬%ରୁ ଅଧିକ ରହିଛି । ଏପ୍ରିଲ ୨୦୨୨ରେ ଭାରତରେ ପାଇକାରୀ ମୂଲ୍ୟ ମୁଦ୍ରାସ୍ଫୀତି ୧୫.୦୮%ରେ ପହଞ୍ଚିଛି, ଯାହା ରେକର୍ଡ ସର୍ବାଧିକ । ଖାଦ୍ୟ ମୁଦ୍ରାସ୍ଫୀତି ୮.୮୮% ରହିଛି । ବେକାରି ହାର ମେ'ରେ ୭.୧୨ % ରହିଛି । ବର୍ତ୍ତମାନ ବିତ୍ତୀୟ ନିଅଣ୍ଟ ନିୟନ୍ତ୍ରଣ ବାହାରେ ରହିଛି । ଗତ କିଛି ବର୍ଷ ମଧ୍ୟରେ ସରକାରୀ ଋଣ –ଜିଡିପି ଅନୁପାତ ବୃଦ୍ଧି ପାଉଛି । ୨୦୧୯–୨୦ରେ ଏହା ୭୨.୨% ଥିଲାବେଳେ ବର୍ତ୍ତମାନ ୯୦% ଅତିକ୍ରମ କଲାଣି । ୨୦୨୦–୨୧ରେ ବାଣିଜ୍ୟ ନିଅଣ୍ଟ ଯାହା ୧୦୨.୬୩ ବିଲିୟନ ଡଲାର୍ ଥିଲା, ତାହା ୨୦୨୧–୨୨ରେ ୧୯୨.୨୪ ବିଲିୟନ ଡଲାରରେ ପହଞ୍ଚିଛି । ଭାରତୀୟ ମୁଦ୍ରା ଖରାପ ପ୍ରଦର୍ଶନକାରୀ ମୁଦ୍ରା ଭାବରେ ପରିଗଣିତ ହୋଇଛି ଓ ରେକର୍ଡ ନିମ୍ନ ଛୁଇଁଛି । ୨୦୨୨ ମେ ୯ରେ ଟଙ୍କାର ମୂଲ୍ୟ ପ୍ରତି ଡଲାର ତୁଳନାରେ ୭୭.୦୫ ଟଙ୍କାକୁ ହ୍ରାସ ପାଇଥିଲା ; ଯାହା ସର୍ବକାଳୀନ ନିମ୍ନ ଥିଲା । ପୁଣି ଜୁନ୍ ୭ରେ ଏହା ସର୍ବକାଳୀନ ନିମ୍ନ ୭୭.୭୭ ଟଙ୍କାରେ ପହଞ୍ଚିଛି । ନିବେଶକମାନେ ୨୦୨୧–୨୨ରେ ଭାରତୀୟ ଇକ୍ୱିଟି/ଅଂଶଧନ ଏବଂ ଋଣ ବଜାରରୁ ୧.୨୨ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି । ଦାରିଦ୍ର୍ୟ, କ୍ଷୁଧା ଓ ବୈଷମ୍ୟ ବୃଦ୍ଧି ପାଉଛି ।

skmohapatra67@gmail.com
ମୋ–୯୪୩୭୨୦୮୭୬୨

# ନିଖୋଜ ପରୀକ୍ଷାର୍ଥୀ



ହରିଶଙ୍କର ମିଶ୍ର

ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରାୟ ୪୭ ହଜାର ଛାତ୍ରୀଛାତ୍ର ଅନୁପସ୍ଥିତ ରହିବାର କାରଣ ସମ୍ପର୍କରେ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ପ୍ରତିବର୍ଷ କିଛି ପରୀକ୍ଷାର୍ଥୀ ଅନୁପସ୍ଥିତ ରହୁଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ଦୃଷ୍ଟି ଆକର୍ଷଣୀୟ ହେବାରୁ ସରକାର ଚଳଚଞ୍ଚଳ ହୋଇଛନ୍ତି । କିନ୍ତୁ ତଦନ୍ତ ଆଧାରିତ କାର୍ଯ୍ୟାନୁଷ୍ଠାନ ଯେ ଶୂନ ହେବ ଏଥିରେ ସନ୍ଦେହ ନାହିଁ । ଏବେ ନବମ ଶ୍ରେଣୀରେ ପଢୁଥିବା ପିଲାଙ୍କ ମଧ୍ୟରୁ ସତର ହଜାର ଛାତ୍ରୀଛାତ୍ର ବାର୍ଷିକ ପରୀକ୍ଷା ଦେଇ ନ ଥିବା ଖବର ପ୍ରକାଶ ପାଇଛି । ଶିକ୍ଷା ବିଭାଗକୁ ଏଥିପାଇଁ ଉତ୍ତରଦାୟୀ କରାଯାଇପାରେ । କିନ୍ତୁ ଏହାର ଠିକ୍ ଉତ୍ତର ଓ କାରଣ କେବଳ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କ ପାଖରେ ହିଁ ରହିଛି । କୌଣସି ବେସରକାରୀ ସ୍କୁଲ ଛାତ୍ରୀଛାତ୍ର ନିଖୋଜ ହୋଇନାହାନ୍ତି । ସରକାରୀ, ସରକାରୀ ନିୟନ୍ତ୍ରିତ ସ୍କୁଲର ଛାତ୍ରୀଛାତ୍ର ନିଖୋଜ ହେବା ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଆମ ରାଜ୍ୟର ଶିକ୍ଷା ବିଭାଗ ଏବଂ ବ୍ୟବସ୍ଥା ଖାଲି କଳୁଷିତ ଓ କର୍ଦ୍ଦମମୟ ନୁହେଁ ବରଂ ଅଧିକାଂଶ ଶିକ୍ଷକ ଶିକ୍ଷାବୃତ୍ତି ପାଇଁ ଅଯୋଗ୍ୟ ଓ ଅପାରଗ । କୌଣସି ପ୍ରତିଯୋଗିତା ପରୀକ୍ଷାର ସମ୍ମୁଖୀନ ନ ହୋଇ ମଧ୍ୟ ବୈଧୀକରଣ ନିୟମରେ ନିୟମିତ ଦରମା ପାଇ ସରକାରୀ କର୍ମଚାରୀ ମାନ୍ୟତା ପାଇବା ଆମ ରାଜ୍ୟର ଶିକ୍ଷା ବିଭାଗରେ ସମ୍ଭବ ହୋଇପାରେ । ସମୟ ଥିଲା ଯେତେବେଳେ ଶିକ୍ଷକମାନେ ନିଜ ଝିଅ ପୁଅଙ୍କ ଅପେକ୍ଷା ଛାତ୍ରୀଛାତ୍ରଙ୍କ କୃତିତ୍ୱରେ ଆତ୍ମହରା ହେଉଥିଲେ, ସେତେବେଳେ ନିଜ ଛାତ୍ରୀ ଛାତ୍ରଙ୍କ କୃତିତ୍ୱ ପାଇଁ ସ୍କୁଲଗୁଡ଼ିକ ଭିତରେ ଶିକ୍ଷକମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋବୃତ୍ତି ରହୁଥିଲା । କିଛି ଦଶନ୍ଧି ପୂର୍ବରୁ ମଧ୍ୟ ସୀମିତ ସଂଖ୍ୟକ ଥିବା ଶିକ୍ଷା ପରିଦର୍ଶକମାନେ ସ୍କୁଲ ପରିଦର୍ଶନ ବେଳେ ପ୍ରତ୍ୟେକ ଶ୍ରେଣୀରେ ପାଠ ପଢ଼ାଉଥିଲେ ଏବଂ ଶିକ୍ଷକମାନଙ୍କ ଦକ୍ଷତା ଉପରେ ଟିପ୍ପଣୀ ଲେଖୁଥିଲେ । ଏବେ ବିଦ୍ୟାଳୟ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ପଦବୀ ଉନ୍ନୀତ ଓ ସଂଖ୍ୟା ବୃଦ୍ଧି ସତ୍ତ୍ୱେ ସେମାନେ ନିଜ ଚଉକିର ସୁରକ୍ଷା ପାଇଁ ବ୍ୟସ୍ତ । ସେମାନଙ୍କ ବିଦ୍ୟାଳୟ ପରିଦର୍ଶନ କେବଳ ଶୌଚାଳୟ ଏବଂ ମଧ୍ୟାହ୍ନଭୋଜନ ତଦାରଖରେ ସୀମିତ ହେଉଛି ।

ଅଶୀ ଦଶକ ପ୍ରାରମ୍ଭରୁ ରାଜ୍ୟର ଶିକ୍ଷା ବ୍ୟବସ୍ଥା କିଛି ଶିକ୍ଷା ଦଲାଲଙ୍କ ଦ୍ୱାରା କବଳିତ ହୋଇଗଲା । ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତ୍ୟେକ ନିୟମର ଗଳାବାଟ ସୃଷ୍ଟି କରାଯାଇ ଯାବତୀୟ ସୁଯୋଗ ହାସଲରେ ଶିକ୍ଷକମାନଙ୍କ ଦକ୍ଷତା ବହୁବାର ପ୍ରମାଣିତ ହୋଇ ସାରିଛି । ପ୍ରତିବର୍ଷ ରାଜଧାନୀରେ ଶିକ୍ଷକ ସମାବେଶ ଏକ ନିୟମିତ ଧାରା ହୋଇଯାଇଛି । ଶିକ୍ଷା ଦଲାଲ ଓ ରାଜନୈତିକ ଚାପ ଯୋଗୁ ସରକାର ବାରମ୍ବାର ନିୟମ ପରିବର୍ତ୍ତନ କରୁଥିବାରୁ ତା'ର ସୁଯୋଗ ଶିକ୍ଷକମାନେ ନେଉଛନ୍ତି । ଗତବର୍ଷ କରୋନା ସଂକ୍ରମଣ ଯୋଗୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଲା । ମାଟ୍ରିକ ପରୀକ୍ଷାର ବିକଳ୍ପ ବିଚାରାଧୀନ ଥିବାବେଳେ ହଜାର ହଜାର ପରୀକ୍ଷାର୍ଥୀ ଏକତ୍ରିତ ହୋଇ ବିନା ପରୀକ୍ଷାରେ ପାସ୍ କରାଯିବା ପାଇଁ ଦାବି କଲେ । କିନ୍ତୁ ସମସ୍ତ ପରୀକ୍ଷାର୍ଥୀ ନାବାଳିକା ଓ ନାବାଳକ ହୋଇଥିବା ସତ୍ତ୍ୱେ ସେହି ସମାବେଶ ରାଜ୍ୟ ମାନବାଧିକାର କମିଶନର ଦୃଷ୍ଟିକୁ ନ ଯିବା ଏବଂ ଆଇନର ରକ୍ଷକ ପୋଲିସ ସେମାନଙ୍କୁ ସୁରକ୍ଷା ଦେବା ପଛର ନାୟକ ଶିକ୍ଷକମାନେ ହିଁ ରହିଥିଲେ । ଯେଉଁ ଆଧାରରେ ପରୀକ୍ଷା ଇତିହାସରେ ଆଖି ଝଲସାଇଲା ପରି ୯୮ଶତାଂଶ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେଲେ ଏବଂ ଅର୍ଦ୍ଧାଧିକ ୬୦ ଶତାଂଶ ନମ୍ବର ରଖିଲେ, ତା'ର ମୂଳ କାରଣ ଯାଞ୍ଚ କରିଥିଲେ ଅନେକ ତଥ୍ୟ ସ୍ପଷ୍ଟ ହୋଇଥାନ୍ତା । କାରଣ ସେତେବେଳେ ସରକାରୀ ଓ ସରକାରୀ ନିୟନ୍ତ୍ରିତ ସ୍କୁଲର କର୍ତ୍ତୃତ୍ୱ ସର୍ବାଗ୍ରେ ଥିଲା । ଚଳିତ ବର୍ଷ ସେହି ଧାରା ବଜାୟ ରହିବା ଆଶାରେ ସ୍କୁଲଗୁଡ଼ିକରେ ନିଶ୍ଚିତ କିଛି ବେନିୟମ କାର୍ଯ୍ୟର ସୂଚନା ମିଳୁଛି । ଶିକ୍ଷା ଅଧିକାର ଆଇନରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଫେଲ୍ ବ୍ୟବସ୍ଥା ନାହିଁ । କରୋନା ସଂକ୍ରମଣ ଯୋଗୁ ଗତବର୍ଷ ନବମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ସାଇକେଲ ପ୍ରଦାନ ବ୍ୟବସ୍ଥା ପଛରେ ଥିବା ବାସ୍ତବତାର ତଦନ୍ତ ହେଲେ ନିଖୋଜ ପରୀକ୍ଷାର୍ଥୀଙ୍କ ରହସ୍ୟ ଉନ୍ମୋଚିତ ହୋଇପାରିବ । ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥାରେ ମଧ୍ୟାହ୍ନଭୋଜନ, ମାଗଣା ବହି, ପୋଷାକ ଆଦି ପ୍ରଦାନରେ ରହୁଥିବା ଶତପ୍ରତିଶତ ଉପସ୍ଥାନ ପରବର୍ତ୍ତୀ ସମୟରେ କମିବାରେ ଶିକ୍ଷକ ଓ ଅଭିଭାବକଙ୍କୁ ମିଳିତ ଭାବେ ଦାୟୀ କରାଯିବା ଉଚିତ । ଏପରିକି ପିଲାଟି ବିନା କାରଣରେ ପାଠପଢ଼ାରୁ ବିରତ ରହିବାର ତଦନ୍ତ ଗୋଟିଏ ନିରପେକ୍ଷ ସଂସ୍ଥା ଦ୍ୱାରା କରାଯିବା ଉଚିତ । ଏହା ସତ୍ୟ ଯେ ପୂର୍ବରୁ ଶିକ୍ଷା ଗୁଣାତ୍ମକ ଥିଲା । ୧୯୯୨ରୁ ଏହାର ଅବକ୍ଷୟ ଆରମ୍ଭ ହେଲା । ୨୦୧୨ରୁ ଅଧିକରୁ ଅଧିକ ପରୀକ୍ଷାର୍ଥୀ ପାସ୍ କରିବା ପାଇଁ ସରକାର ଅନେକ ସୁବନ୍ଦୋବସ୍ତ କରିଦେଲେ । ସରକାର ଭୁଲି ଯାଉଛନ୍ତି ଯେ ଯୋଗ୍ୟ ପିଲାଟିଏ କୌଣସି କାରଣରୁ ପରୀକ୍ଷାରେ ଅଯୋଗ୍ୟ ହୋଇଗଲେ ପରେ ଯୋଗ୍ୟ ହୋଇପାରିବ । କିନ୍ତୁ ଅଯୋଗ୍ୟ ପିଲାଟି ଯୋଗ୍ୟ ଘୋଷିତ ହୋଇଗଲେ ସେ ସମାଜ ପାଇଁ ବୋଝ ହୋଇଯାଏ ।



ଏବେ ଅନେକ ସ୍କୁଲର ଚେହେରା ବଦଳିଯାଇଛି । ମାତ୍ର ସଂଖ୍ୟାଧିକ ମାଟ୍ରିକ ପରୀକ୍ଷାର୍ଥୀ ବିନା ଅସଦ୍ ଉପାୟରେ ସର୍ବନିମ୍ନ ଯୋଗ୍ୟତା ରଖିବାରେ ଅସମର୍ଥ । ପରୀକ୍ଷା ପରେ ସମାନ ପ୍ରଶ୍ନପତ୍ରରେ ପ୍ରତ୍ୟେକ ସ୍କୁଲର ୫ଜଣ ପରୀକ୍ଷାର୍ଥୀଙ୍କୁ ବ୍ଲକ ବା ଜିଲା ସ୍ତରରେ ସ୍ୱତନ୍ତ୍ର ପରୀକ୍ଷା କରାଗଲେ ଏହାର ସତ୍ୟତା ସ୍ପଷ୍ଟ ହେବ । ଚଳିତ ବର୍ଷ ମଧ୍ୟ ଗତବର୍ଷ ପରୀକ୍ଷାଫଳର ପୁନରାବୃତ୍ତି ହେଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଶିକ୍ଷକଙ୍କ ଆଦର୍ଶରେ ଶିଷ୍ୟମାନେ ଅନୁପ୍ରାଣିତ ହୁଅନ୍ତି । କିନ୍ତୁ ବ୍ୟବସ୍ଥା ଏପରି ହୋଇସାରିଛି ଯେ ତା'ର ନିରାକରଣ ବା ପୁନର୍ବିନ୍ୟାସ ସମ୍ପୂର୍ଣ୍ଣ ଅସମ୍ଭବ । ସରକାର ଯଦି ସବୁ ସୁଯୋଗ ଦେବେ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ମଧ୍ୟ ସରକାରଙ୍କ ଇଚ୍ଛା ସାକାର କରିବା ବାଧ୍ୟତାମୂଳକ ହେବା ଉଚିତ । ତଥାପି ନବମ ଓ ଦଶମ ଶ୍ରେଣୀର ନିଖୋଜ ପରୀକ୍ଷାର୍ଥୀଙ୍କ ପାଇଁ ସାଇକେଲ ବାବଦରେ ଖର୍ଚ୍ଚ କରାଯାଇଥିବା ୧୬କୋଟିରୁ ଅଧିକ ଟଙ୍କା ପାଇଁ କିଏ ଉତ୍ତରଦାୟୀ ତାହା ସ୍ପଷ୍ଟ ହେବା ଜରୁରୀ ।

**ଗୁଣ୍ଡିଚା ବିହାର, ପୁରୀ**
**ମୋ– ୭୯୭୮୭୮୫୪୭୮**

## ଏଇ ଭାରତରେ

ପରିବେଶ, ଆର୍ଥିକ ବିକାଶ ଓ ପାନୀୟ ଜଳ ପାଇଁ ଏକ ଝରଣା ସଫେଇ ପରମ୍ପରା ଦେଖିବାକୁ ମିଳେ କଶ୍ମୀରର ପଞ୍ଚାଥ ଗାଁରେ । ଏହି ଗାଁରେ ଥିବା ପଞ୍ଚାଥ ନାଗ ନାମକ ଏକ ଝରଣାକୁ ପ୍ରତିବର୍ଷ ସଫା କରାଯିବା ପରମ୍ପରା ବହୁ ଶତାବ୍ଦୀ ଧରି ପ୍ରଚଳିତ । ପଞ୍ଚାଥ କହିଲେ ୫୦୦ । ଏହି ଗାଁରେ ୫୦୦ ଝରଣା ରହିଥିଲା ବୋଲି ଗାଁ ଲୋକେ ବିଶ୍ୱାସ କରନ୍ତି ଓ ସେଥିପାଇଁ ଜଳାଶୟର ଏଭଳି ନାମ ରଖିଛନ୍ତି । ମେ ମାସ ଦ୍ୱିତୀୟ ସପ୍ତାହକୁ ଉତ୍ସବ ମନାଇବା ଓ ପରିବେଶ ସୁରକ୍ଷା କରିବାର ପ୍ରକୃଷ୍ଟ ସମୟ ବୋଲି ସେଠାକାର ଲୋକମାନେ ବିଚାର କରି ଏଭଳି ସଫେଇ କରିଥାଆନ୍ତି । ଜଳସେଚନ ପାଇଁ ମଧ୍ୟ ଏହି ଝରଣା ଉପରେ ସେଠାକାର ଗାଁଗୁଡ଼ିକ ନିର୍ଭର କରୁଥିବାରୁ ଏହା ସେମାନଙ୍କ ଆର୍ଥିକ ବିକାଶରେ ପ୍ରମୁଖ ଭୂମିକା ନିଏ । କେବଳ ଏତିକି ନୁହେଁ ୨୦ଟି ଗାଁର ଲୋକମାନେ ପାନୀୟ ଜଳ ପାଇଁ ଏହା ଉପରେ ନିର୍ଭର କରିଥାଆନ୍ତି । ଝରଣା ସଫେଇ ଉତ୍ସବରେ ପୁରୁଷ, ମହିଳା ଏବଂ ପିଲାମାନେ ଭାଗ ନେଇଥାଅନ୍ତି ଓ ଝରଣାରୁ ଦଳ, ଘାସ ଓ ପଙ୍କ ସଫା କରି ଜଳ ପ୍ରବାହକୁ ସୁଗମ କରନ୍ତି । ତେବେ ସେହି ଗାଁର ବୟୋବୃଦ୍ଧମାନେ ଉତ୍ସବରେ ଭାଗ ନେବାକୁ ଅକ୍ଷମ ହେଲେ ମଧ୍ୟ ସେମାନେ ନିଶ୍ଚିତ ଭାବେ ସଫେଇ ସମୟରେ ଉପସ୍ଥିତ ରହିବାର ପରମ୍ପରା ଚଳିଆସୁଛି ।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଜୁନ୍ ୧୯୯୭

- ଦଳରେ ବିଭାଜନ ଏଡ଼ାଇ ନିଜର କର୍ତ୍ତୃତ୍ୱକୁ ଜାହିର କରିବାକୁ ଯାଇ ଜାତୀୟ ପାର୍ଟିର ଅଧ୍ୟକ୍ଷ ତଥା ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ଏଚ୍.ଏମ୍. ଏର୍ଶାଦ ୪ ଜଣ ସଦସ୍ୟଙ୍କୁ ଦଳରୁ ବହିଷ୍କାର କରିଛନ୍ତି ।
- ଭାରତର ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଧ୍ୟୁଷିତ ଇଲାକାରେ ମ୍ୟାଲେରିଆ ରୋଗର ପ୍ରାଦୁର୍ଭାବ ହ୍ରାସ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ବିଶ୍ୱବ୍ୟାଙ୍କ ଭାରତକୁ ୧୬୫ ନିୟୁତ ଡଲାର ଅର୍ଥ ସହାୟତା ଯୋଗାଇ ଦେବେ ବୋଲି ଘୋଷଣା କରିଛି ।
- ସାହିତ୍ୟର ଅନବଦ୍ୟ କୃତି 'କସ୍ତୁରୀ ମୃଗସମ' ପୁସ୍ତକ ପାଇଁ ମନମୋହନ ଚୌଧୁରୀଙ୍କୁ ସମ୍ମାନଜନକ ଶାରଳା ପୁରସ୍କାର ପ୍ରଦାନ ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 3 | | 9 | 7 | | |
| | | | | | 1 | 2 | | |
| | | 2 | | 7 | | | | 6 |
| 1 | | | 2 | 5 | | | | |
| 8 | | 7 | | | 3 | | | |
| 4 | 2 | | | | | | | |
| | | | | | 7 | | | |
| | | | | 1 | 4 | 9 | | 7 |
| | 6 | 4 | | | | 8 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 7 | 1 | 3 | 6 | 4 | 5 | 8 |
| 1 | 5 | 4 | 9 | 8 | 2 | 7 | 3 | 6 |
| 8 | 3 | 6 | 5 | 7 | 4 | 9 | 2 | 1 |
| 2 | 9 | 1 | 6 | 4 | 3 | 5 | 8 | 7 |
| 4 | 8 | 3 | 7 | 5 | 1 | 2 | 6 | 9 |
| 7 | 6 | 5 | 2 | 9 | 8 | 3 | 1 | 4 |
| 6 | 1 | 9 | 4 | 2 | 5 | 8 | 7 | 3 |
| 3 | 7 | 2 | 8 | 6 | 9 | 1 | 4 | 5 |
| 5 | 4 | 8 | 3 | 1 | 7 | 6 | 9 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଏତେ ହେୟଜ୍ଞାନ କାହିଁକି

ମହାଶୟ,

ଗଞ୍ଜାମ ଜିଲା ଅନ୍ତର୍ଗତ ହିଞ୍ଜିଳି ପଞ୍ଚାୟତ ସମିତି ଅଧୀନସ୍ଥ ବଡ଼ଖଣ୍ଡି ଗ୍ରାମପଞ୍ଚାୟତ ତଥା ଏହାର ଆଖପାଖ ଅନେକ ଗାଁରେ ପାଳନାଟି ତେଲୁଗୁ ୱେଲମା ଜାତୀୟ ଲୋକ ବସବାସ କରି ଆସୁଛନ୍ତି । ଏମାନେ ସମସ୍ତେ ପ୍ରାୟ କୃଷି କାର୍ଯ୍ୟକରି ଜୀବିକା ନିର୍ବାହ କରନ୍ତି । ଏମାନଙ୍କ କୃଷିର ଉନ୍ନତି, ସ୍ୱାସ୍ଥ୍ୟରକ୍ଷା, ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ବିଲୁପ୍ତ ପ୍ରାୟ ମାତୃଭାଷା ତେଲୁଗୁକୁ ପୁନଃ ଉଦ୍ଧାର କରାଯାଉ । ଏହା ଉପରେ ବହୁବାର ଦାବି କରାଯାଇଥିଲେ ମଧ୍ୟ ରାଜ୍ୟ କିମ୍ବା କେନ୍ଦ୍ର ସରକାର ତଥା ସ୍ଥାନୀୟ ଜନ ପ୍ରତିନିଧିମାନେ ଆଦୌ କର୍ଣ୍ଣପାତ କରି ନାହାନ୍ତି । ଅର୍ଥାତ୍ ଏ ଜାତି ପ୍ରତି ତଥା ଏ ସମ୍ପ୍ରଦାୟ ପାଇଁ ସରକାର ହେୟଜ୍ଞାନ କରୁଛନ୍ତି । ବିଶେଷକରି ଏହି ତେଲୁଗୁ ସମ୍ପ୍ରଦାୟ ଓ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏ ଅଞ୍ଚଳର କେନ୍ଦ୍ର ତଥା ପେଣ୍ଠସ୍ଥଳୀ ବଡ଼ଖଣ୍ଡି ଗ୍ରାମରେ ସ୍ଥାପନ କରାଯାଉ । ତେଲୁଗୁ ମାତୃଭାଷାକୁ ପୁନଃ ଉତ୍ଥାପନ ଓ ପ୍ରଚଳନ ପାଇଁ ଏଇ ଅଞ୍ଚଳରେ ଥିବା ସମସ୍ତ ପାଠଶାଳାରେ ତେଲୁଗୁ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତ କରାଯାଉ । ଏ ଜାତିର ଛାତ୍ରୀଛାତ୍ରମାନଙ୍କ ଉଚ୍ଚଶିକ୍ଷା ଆରୋହଣ ପାଇଁ ବଡ଼ଖଣ୍ଡି ଗ୍ରାମରେ ଏକ ଆଦର୍ଶ +୩ ବିଜ୍ଞାନ ମହାବିଦ୍ୟାଳୟ ମଧ୍ୟ ସ୍ଥାପନ କରାଯାଉ । ଏଇ ଗ୍ରାମରେ ପଡ଼ିଆ ପଡ଼ିଥିବା ଏକ ବିସ୍ତୀର୍ଣ୍ଣ ପଦର ବଗଡ଼ ମାଳଠାରେ ଯଦି ଏକ ଗଭୀର ଉଠାଜଳସେଚନ ପଏଣ୍ଟର ବ୍ୟବସ୍ଥା କରାଯାଆନ୍ତା, ତେବେ ଏ ଜାତିର ତଥା ଅଞ୍ଚଳର କୃଷକମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରନ୍ତା ।

**–ଅଦଲ ବାବାଜୀ, ବଡ଼ଖଣ୍ଡି, କଞ୍ଚୁର, ଗଞ୍ଜାମ**

## ଚିରନ୍ତନୀ

ପୀରତି ବ୍ୟଥାରେ ଅଙ୍ଗ ଅବଶ
ନିବିଡ଼ ଧିଆନେ ଆଖି ମଦାଳସ
ଚନ୍ଦନସମ ଗନ୍ଧ ବିତରି ଯାଅ ପୁଣି ଅପସରି
ଚମ୍ପକ ଚାରୁ ହାସ ହସିଦିଅ
ଆଗୋ ଗୋରଚନା–ଗୋରି ! –(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଜୁନାଗଡ,(ଡି.ଏନ୍.ଏ.): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ମହିଚଲା ଗ୍ରାମରେ ମଙ୍ଗଳବାର ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତ ମହିଳାଙ୍କ ନାମ କନକ ଗହୀର(୧୯)। ଜୁନାଗଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୨) ରୁଜୁ ହୋଇଛି। ସୂଚନାଯୋଗ୍ୟ, କନକ ଗତ କିଛି ଦିନ ତଳେ ବିବାହ କରିଥିଲେ। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କଲେ ତାହା ବର୍ତ୍ତମାନ ଅସ୍ପଷ୍ଟ ରହିଛି।

**ସଂକ୍ଷେପରେ**

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ବିନିକା,୧୪।୬(ଡ଼ି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଆଦର୍ଶ ବିଦ୍ୟାଳୟ ପଛପଟୁ ମଙ୍ଗଳବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଏସ୍‌ଡ଼ିପିଓ ପୁଷ୍ପାଞ୍ଜଳି ନିର୍ଙ୍ଗ, ବିନିକା ଥାନା ଅଧିକାରୀ ପବିତ୍ର ସାହୁ ଓ ଏସଆଇ ରବୀନ୍ଦ୍ର ସାହୁ ଘଟଣାସ୍ଥଳକୁ ପହଞ୍ଚି ତନାଘନା ଚଳାଇଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠା ଯାଇଥିଲା। ମୃତାଙ୍କ ପରିଚୟ ମିଳି ପାରିନାହିଁ। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହାର ତଦନ୍ତ କରୁଛି ପୋଲିସ।

### ଦୁର୍ଘଟଣାରେ ଜଣେ ମୃତ

ବରପାଲି,୧୪।୬(ଡି.ଏନ.ଏ.): ବରପାଲି-ବଲାଙ୍ଗୀର ରାଜପଥର ମହଦା ନିକଟରେ ମଙ୍ଗଳବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତାହତଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁସାରେ, ଏକ ଟ୍ରକ୍ (ନଂ.ଓଆର୍‌୦୩ଜି/୧୭୯୫) କୁଣ୍ଡା ବୋଝେଇ କରି ବଲାଙ୍ଗୀରରୁ ବରପାଲି ଆଡକୁ ଆସୁଥିଲା। ଏହି ସମୟରେ ମହଦା ନିକଟରେ କୌଣସି ଏକ ଅଜଣା ବଡ ଗାଡ଼ି ସହ ଉକ୍ତ ଟ୍ରକ୍ ଧକ୍କା ହୋଇଥିଲା। ଫଳରେ ଟ୍ରକ୍‌ର ହେଲପର ସାଇଟରେ ବସିଥିବା ବ୍ୟକ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଖବର ପାଇ ବରପାଲି ପୋଲିସ ସେଠାରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ମୃତାହତଙ୍କୁ ଉଦ୍ଧାର କରି ତଦନ୍ତ କରୁଛି।

### ବଜ୍ରପାତରେ ବୃଦ୍ଧ ମୃତ

ବରଗଡ଼ ଅଫିସ,୧୪।୬: ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କଠଉମାଲ ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ହୃଷିକେଶ ସା(୬୫)। ସେ ଗୋରୁ ଚରାଇବା ପାଇଁ ନିକଟସ୍ଥ ପଡିଆକୁ ଯାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ସେ ଟଳି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଗାଇସିଲେଟ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ଜାତୀୟ ଫୁଟବଲ ଦଳରେ ବରପାଲି ଝିଅ ଅନିଶା



ବରପାଲି,୧୪।୬(ଡି.ଏନ.ଏ.): ବରପାଲିର ଝିଅ ଅନିଶା କୁମ୍ଭାର ଜାତୀୟ ଫୁଟବଲ (ଅଣ୍ଡର ୧୭) ଦଳରେ ସାମିଲ ହୋଇ ବରପାଲିର ଗୌରବ ବୃଦ୍ଧି କରିଛନ୍ତି। ଅନିଶା ପିଲାଦିନରୁ ଫୁଟବଲ ଖେଳ ପ୍ରତି ଆକୃଷ୍ଟ ହୋଇ ଜିଲା ପରେ ରାଜ୍ୟସ୍ତରରେ ଖେଳିଛନ୍ତି। ଏବେ ଜାତୀୟ ସ୍ତରରେ ଖେଳିବା ପାଇଁ ସେ ମନୋନୀତ ହୋଇଛନ୍ତି। ଏଥି ପାଇଁ ସେ ଆସାମ ଯାଉଛନ୍ତି। ତାଙ୍କ ସଫଳତାର ଶ୍ରେୟ ସେ ଫୁଟବଲ ଆସୋସିଏଶନ ଉପ ସଭାପତି ରବିନାରାୟଣ ପଣ୍ଡା, ବରଗଡ଼ ଜିଲା ଆଥେଲେଟିକ ଆସୋସିଏଶନ ସଭାପତି କିଶୋର ଚନ୍ଦ୍ର ମିଶ୍ର, ମନ୍ତ୍ରୀ ରୀତା ସାହୁ ଓ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଦେଇଛନ୍ତି।

### ଜନଜୀବନର ଅଭିବ୍ୟକ୍ତି ହିଁ ଲୋକକଳା

ପଦ୍ମପୁର,୧୪।୬ (ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଢୋଲବନ୍ଧ ଗ୍ରାମର ସଚେତନ ହେମା ଅନୁଷ୍ଠାନ ପକ୍ଷରୁ ଲୋକକଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନାଟ୍ୟକାର ରାଜକୁମାର ସାହୁ ଜନଜୀବନର ସରଳ ଅଭିବ୍ୟକ୍ତି ହିଁ ଲୋକକଳା ବୋଲି କହିବା ସହ ଲୋକକଳାର ସମାଜ ପ୍ରତି ଅବଦାନକୁ ବଖାଣିଥିଲେ। ଲୋକକଳା ବଞ୍ଚିଲେ ଭାଷା, ସାହିତ୍ୟ ଓ ସଂସ୍କୃତି ବଞ୍ଚିବ। ନିମନ୍ତ୍ରିତ କଳାକାରମାନେ ଧୁନକେଲ ଗୀତ, ହଲିଆ ଗୀତ, ହୁମୋ ଗୀତ ଆଦି ପରିବେଷଣ କରିଥିଲେ।

### ପଦ୍ମପୁରରେ କାଳବୈଶାଖୀ

ପଦ୍ମପୁର,୧୪।୬(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳରେ ମଙ୍ଗଳବାର କାଳବୈଶାଖୀ ହୋଇଛି। ଫଳରେ ପ୍ରବଳ ଝଡତୋଫାନ ହୋଇ ଅନେକ ସ୍ଥାନରେ ଗଛଡାଳ ଭାଙ୍ଗି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ପଦ୍ମପୁର ଭେଉଁରିଆ ଛକଠାରୁ ଡାକ୍ତରଖାନା, ବାଳିକା ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଅଞ୍ଚଳରେ ଗଛ ଭାଙ୍ଗି ଯିବା ସହିତ ସ୍ଥାନେ ସ୍ଥାନେ ବିଦ୍ୟୁତ୍ ତାର ଛିଣ୍ଡିଯାଇଥିଲା। ଏହି ବର୍ଷା ଯୋଗୁ ଅସହ୍ୟ ଗରମରୁ ଲୋକଙ୍କୁ କିଛିଟା ଆଶ୍ୱସ୍ତି ଦେଇଛି।

# ସରକାରୀ ଅର୍ଥ ଲୁଟ୍ ପାଇଁ ଅଭିନବ ଯୋଜନା

### ସୁକ୍‌ତେଲ ପ୍ରକଳ୍ପ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ସଡ଼କ



ଲୋୟର ସୁକ୍‌ତେଲ ପ୍ରକଳ୍ପ ଅଞ୍ଚଳରେ ତିଆରି ହୋଇଥିବା ପ୍ରଧାନମନ୍ତ୍ରୀ ରାସ୍ତା।

ବଲାଙ୍ଗୀର ଅଫିସ,୧୪।୬

ବଲାଙ୍ଗୀର ଜିଲାର ଅନେକ ଗାଁକୁ ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ତିଆରି ହୋଇନାହିଁ। ସେହି ସବୁ ଗାଁକୁ ପ୍ରଧାନମନ୍ତ୍ରୀ ସଡକ ତିଆରି ନକରି ଯେଉଁ ଅଞ୍ଚଳ ବା ଗାଁ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପରେ ସବୁଦିନ ପାଇଁ ବୁଡିଯିବ ସେଠାରେ ରାସ୍ତା ତିଆରି କରାଯାଇଛି। ଏଭଳି ଅଭିନବ ଯୋଜନା ପ୍ରସ୍ତୁତ କରି ଯନ୍ତ୍ରୀମାନେ କୋଟି କୋଟି ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି।

ନିର୍ମାଣାଧୀନ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପରେ ବଲାଙ୍ଗୀର, ଲୋଇସିଂହା ଏବଂ ପାଟଣାଗଡ ତହସିଲର ୨୯ଟି ରାଜସ୍ୱ ଗ୍ରାମ ପ୍ରଭାବିତ ହେବ। ତନ୍ମଧ୍ୟରୁ ୧୫ ଗାଁ ସମ୍ପୂର୍ଣ୍ଣଭାବେ ବୁଡିଯିବ ଏବଂ ଅନ୍ୟ ୧୪ଟି ଗାଁ ଆଂଶିକ ପ୍ରଭାବିତ ହେବ। ଏହି ପ୍ରକଳ୍ପ ଦ୍ୱାରା ୩୯୩୭.୮୭ ହେକ୍ଟର ପ୍ରାଇଭେଟ, ୫୮୩ ହେକ୍ଟର ଜଙ୍ଗଲ ଏବଂ ୭୮୬ ହେକ୍ଟର ସରକାରୀ ଜମି ବୁଡିଯିବ। ଏହା ସହିତ ବିଭିନ୍ନ ଗାଁକୁ ସଂଯୋଗ କରୁଥିବା ଅନେକ ରାସ୍ତା ମଧ୍ୟ ବୁଡିଯିବ। ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ୧୯୯୯ ମସିହାରେ ପ୍ରଶାସନିକ ମଞ୍ଜୁରି ମିଳିଥିଲା। ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ୨୦୦୫ରେ ତତ୍କାଳୀନ ଲୋଇସିଂହା ବିଧାୟକ ନରସିଂହ ମିଶ୍ର ସ୍ପିଲୱେ ପାଇଁ ଶିଳାନ୍ୟାସ କରିଥିଲେ। ଏହାପରେ ୨୯ ପ୍ରକଳ୍ପ ପ୍ରଭାବିତ ଗ୍ରାମର ଲୋକଙ୍କୁ ବିସ୍ଥାପିତ କରାଯିବ ବୋଲି ସରକାର ଘୋଷଣା କରିଥିଲେ। ତେବେ ପ୍ରକଳ୍ପକୁ ଜୋରଦାର ବିରୋଧ କାରଣରୁ ବିସ୍ଥାପନ ପ୍ରକ୍ରିୟା ଆରମ୍ଭ ହୋଇପାରି ନ ଥିଲା। ପ୍ରଭାବିତଙ୍କ କ୍ଷତିପୂରଣ, ଥଇଥାନ ଏବଂ ବିସ୍ଥାପନକୁ ଯନ୍ତ୍ରୀ ଓ ଅଧିକାରୀମାନେ ପ୍ରାଥମିକତା ନଦେଇ ପ୍ରକଳ୍ପ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ସଡକ ତିଆରିରେ ମାତିଥିଲେ। ଯେଉଁ ଅଞ୍ଚଳରୁ ଲୋକଙ୍କୁ ବିସ୍ଥାପିତ କରାଯିବ ସେଠାରେ କ'ଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା କାର୍ଯ୍ୟକାରୀ କରାଯିବ ସେନେଇ କୌଣସି ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି କିମ୍ବା ଯନ୍ତ୍ରୀ ପ୍ରଶ୍ନ କରି ନ ଥିଲେ। ଲୋୟର ସୁକ୍‌ତେଲ ପ୍ରକଳ୍ପ ଯନ୍ତ୍ରୀ ଏବଂ ଗ୍ରାମ ଉନ୍ନୟନ ବିଭାଗ ଯନ୍ତ୍ରୀ ଜାଣିଶୁଣି ଏନେଇ ସମ୍ମତି ପ୍ରଦାନ କରିବାରୁ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ ହୋଇଗଲା। ଯନ୍ତ୍ରୀମାନେ ସେମାନଙ୍କ ସ୍ୱାର୍ଥ ପାଇଁ ସରକାରଙ୍କୁ ଠିକ୍ ସୂଚନା ଦେଇ ନ ଥିଲେ। ଏହି ପ୍ରକ୍ରିୟାରେ ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତ ଗଡଶଙ୍କର ଡୁଙ୍ଗୁରିପାଲି, ବନ୍‌ଛୋରପାଲି, ପୋଡ଼ମୁଣ୍ଡ, ବିଜାପାଟି ଏବଂ ଅନ୍ୟ ଗାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା ତିଆରି କରାଗଲା। ସେହିପରି ତୁଲୁସର, ଖଗସାବାହାଲ, କଖାଲ, କଙ୍କରା, ସାନତେଲେନପାଲିକୁ ମଧ୍ୟ ପ୍ରଧାନମନ୍ତ୍ରୀ ରାସ୍ତା ତିଆରି ହୋଇଥିଲା। ଏହି ସବୁ ପ୍ରକଳ୍ପ ପ୍ରଭାବିତ ଗାଁରୁ ଲୋକଙ୍କୁ ବିସ୍ଥାପିତ କରିବା ଛାଡି ଯନ୍ତ୍ରୀମାନେ ରାସ୍ତା ତିଆରିରେ ମାତି ଟଙ୍କା ଆତ୍ମସାତରେ ମାତିଥିଲେ।

କିଛିଦିନ ତଳେ ବିସ୍ଥାପିତ ଅଞ୍ଚଳର ଜଣେ ଯୁବକ ସାମାଜିକ ଗଣମାଧ୍ୟମରେ 'ବିସ୍ଥାପିତଙ୍କ ପ୍ରତି ଉପହାର ନାଁ ଉପହାସ' ଶୀର୍ଷକରେ ଖୁଣ୍ଟପାଲି ଗ୍ରାମରୁ ଖଗସାବାହାଲ ଓ ତେଲେନପାଲି ଗ୍ରାମକୁ ପ୍ରଧାନମନ୍ତ୍ରୀ ରାସ୍ତା ତିଆରି କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ କରିଥିଲେ। ସେ ଆହୁରି କହିଥିଲେ ଯେ, ୨୦୦୪ ମସିହାରୁ ବୁଡି ଅଞ୍ଚଳରେ ରାସ୍ତା ତିଆରି ହେଉ ନ ଥିଲା। ଏଠାରେ ସେହିଦିନରୁ ଆବାସ ଯୋଜନା, କୃଷିବୀମା, କୃଷିଋଣ ଯୋଜନାରେ ବୁଡି ଅଞ୍ଚଳବାସୀଙ୍କୁ ସାମିଲ କରାଯାଇ ନ ଥିଲା। ତେବେ ଲୋକଙ୍କୁ ସବୁ ମନା ଥିବାବେଳେ କାହା ସ୍ୱାର୍ଥରେ ପ୍ରଧାନମନ୍ତ୍ରୀ ରାସ୍ତା ତିଆରି କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏହାପରେ ଜିଲାପାଳ ଉକ୍ତ ପ୍ରଧାନମନ୍ତ୍ରୀ ରାସ୍ତା ତିଆରି କାମକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଲୋୟର ସୁକତେଲ ପ୍ରକଳ୍ପ ଅଞ୍ଚଳର ଯେଉଁ ଲୋକଙ୍କୁ ଅଧିକ ଟଙ୍କ କ୍ଷତିପୂରଣ, ଥଇଥାନ ପାଇଁ ଦିଆଯାଇଥିଲା ସେମାନଙ୍କଠାରୁ ଟଙ୍କା ରିକୋଭରି କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ତେବେ ଯେଉଁ ଯନ୍ତ୍ରୀ ଓ ଠିକାଦାରଙ୍କ ଭୁଲ ପାଇଁ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପ୍ରଧାନମନ୍ତ୍ରୀ ରାସ୍ତା ତିଆରି କରାଗଲା ସେମାନଙ୍କଠାରୁ କାହିଁକି ରିକୋଭରି କରା ନ ଯିବ ବୋଲି ପ୍ରକଳ୍ପ ପ୍ରଭାବିତ ଲୋକେ ପ୍ରଶ୍ନ କରିଛନ୍ତି। ପ୍ରକଳ୍ପ ଅଞ୍ଚଳରେ ଗତ ଦୁଇ ଦଶନ୍ଧି ଭିତରେ କେତେ ପ୍ରଧାନମନ୍ତ୍ରୀ ସଡକ ତିଆରି କରାଯାଇଛି ଓ ଏହା କେଉଁମାନର ଥିଲା ତାର ସବିଶେଷ ଯାଞ୍ଚ କରିବାକୁ ଦାବି ହେଉଛି। ଏନେଇ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ରାସ୍ତା ତିଆରି ବିଷୟରେ ଜିଲା ପରିଷଦରେ ଅନୁମୋଦନ କରାଯାଇଥାଏ। ସେ ବିଷୟରେ ଆମେ ଜାଣିବୁ କିପରି ବୋଲି ପ୍ରଶ୍ନ କରିଥିଲେ। ଏହି ଅବସରରେ ସେ ସୁକ୍‌ତେଲ ମାଟିବନ୍ଧରେ ନିମ୍ନ ମାନର ମାଟି ପକାଯାଉଥିବା ଉପରେ ପ୍ରତିକ୍ରିୟା ରଖି ମାଟି ଟେଷ୍ଟିଂ ବିଭାଗ ଦ୍ୱାରା ପରୀକ୍ଷା କରାଯିବା ପରେ ହିଁ ଏହା ବ୍ୟବହାର କରାଯାଉଛି ବୋଲି ସେ କହିଥିଲେ। ଲୋୟର ସୁକ୍‌ତେଲ ପ୍ରକଳ୍ପ ଅଞ୍ଚଳରେ ତିଆରି ହୋଇଥିବା ପ୍ରଧାନମନ୍ତ୍ରୀ ରାସ୍ତା।

## ଶୋଇଥିବାବେଳେ ମହିଳାଙ୍କ ମୃତ୍ୟୁ

ଖଡ଼ିଆଳ, ୧୪।୬(ଡି.ଏନ.ଏ)

ଖଡ଼ିଆଳ ଥାନା ଅନ୍ତର୍ଗତ ଢୁକୁଲା ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ନିରିମାଖୀ ହାତୀ (୩୦)। ତାଙ୍କ ଘର ଢୁକୁଲା ରୋଡପଡାରେ। ସୋମବାର ସନ୍ଧ୍ୟାରେ ଢୁକୁଲା କଲେଜ ଛକରେ ପଡିଥିବା ବେଳେ ତାଙ୍କ ସ୍ୱାମୀ ରାଜେଶ ହାତୀ ସେଠାରୁ ଘରକୁ ନେଇଥିଲେ। ହେଲେ ରାତ୍ରିରେ ଘରକୁ ଯାଇ ଶୋଇଦେଇ ଥିଲେ। ମଙ୍ଗଳବାର ସକାଳୁ ପରିବାର ଲୋକେ ନିରୀମାଖୀଙ୍କୁ ଉଠାଇ ଥିଲେ। ହେଲେ ସେ ଶୋଇଥିବା ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଏନେଇ ମୃତକଙ୍କ ଭାଇ ଅକ୍ଷୟ ଠେଲା ଅଞ୍ଚଳପୁର ଗ୍ରାମର ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଖଡ଼ିଆଳ ପୋଲିସ ଏକ ମାମଲା (ନଂ. ୬/୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଶତାୟୁଙ୍କ ପରଲୋକ

ପାଇକମାଳ,୧୪।୬(ଡି.ଏନ.ଏ): ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଧାରୋଲ ଗ୍ରାମର ଶତାୟୁ ଗୋବିନ୍ଦ ପ୍ରଧାନଙ୍କ ମଙ୍ଗଳବାର ପରଲୋକ ହୋଇଛି। ତାଙ୍କୁ (୧୦୮) ବର୍ଷ ବୟସ ହୋଇଥିଲା। ଗୋବିନ୍ଦ ଜଣେ ଚାଷୀ ଥିଲେ। ସେ ଅନ୍ୟ ଚାଷୀଙ୍କୁ ଚାଷ ସମ୍ବନ୍ଧରେ ଅନେକ କଥା କହୁଥିଲେ। ତାଙ୍କ ବିୟୋଗରେ ପାଇକମାଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କ୍ଲଷ୍ଟରସ୍ତରୀୟ ସମୀକ୍ଷା ବୈଠକ





ବୈଠକରେ ମଞ୍ଚାସୀନ ଅତିଥି।

ଡୁଙ୍ଗୁରିପାଲି, ୧୪।୬(ଡ଼ି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ତମାମୁରା ଓ ସହଲା କ୍ଲଷ୍ଟରସ୍ତରୀୟ ସମୀକ୍ଷା ବୈଠକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତମାମୁରାଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସହ ଗୋଷ୍ଠୀ ଶିକ୍ଷାଅଧିକାରୀ ବଟକୃଷ୍ଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦୀର୍ଘ ଦୁଇବର୍ଷ ପରେ ସ୍ୱାଭାବିକଭାବେ ବିଦ୍ୟାଳୟ ଖୋଲିବାକୁ ଯାଉଥିବାରୁ ସରକାରଙ୍କ ନିର୍ଦ୍ଦେଶମତେ ୧୭ଟି ବିଷୟ ବସ୍ତୁ ଉପରେ ଆଲୋଚନା ହୋଇଥିଲା। ଉକ୍ତ ସଭାରେ ସିଆରସିସି ସଲିଲ ସାହୁ, ପଳସ୍ତି ବାରିକ ଯୋଗ ଦେଇଥିଲେ। ତମାମୁରା କ୍ଲଷ୍ଟର ବିଦ୍ୟାଳୟ ଓ ସହଲା କ୍ଲଷ୍ଟର ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଜିଲା ଶିକ୍ଷା ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସଫଳତା ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟ ଆସନ୍ତା ୧୭ ତାରିଖରେ ଖୋଲୁଥିବାରୁ ତାହାର ପୂର୍ବ ପ୍ରସ୍ତୁତି, ମଧ୍ୟାହ୍ନଭୋଜନ ଯୋଜନାର କାର୍ଯ୍ୟକାରିତା, ପୁସ୍ତକ ବିତରଣ, ଛାତ୍ରୀଛାତ୍ରଙ୍କ ସୁରକ୍ଷା, ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ଯୋଜନା, ସ୍ୱଚ୍ଛତା ଓ ପରିମଳ, ବୃକ୍ଷରୋପଣ, ସ୍ୱତନ୍ତ୍ର ଶିକ୍ଷକ ଅଭିଭାବକ ବୈଠକ, ଡ୍ରପ ଆଉଟର ନିରାକରଣ, ମାନ ନିର୍ଣ୍ଣୟ ଆକଳନ, ମୋ ସ୍କୁଲ ଅଭିଯାନ, ଶତ ପ୍ରତିଶତ ଉପସ୍ଥାନ, କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ନାମଲେଖା, ଆଧାର ପଞ୍ଜିକରଣ ପ୍ରମୁଖ ବିଷୟ ଉପରେ ଆଲୋଚନା ହୋଇଥିଲା। ଏଥିରେ ଉଭୟ କ୍ଲଷ୍ଟରର ଶଶୀଭୂଷଣ ଭୋଇ, ଆନନ୍ଦ ପଧାନ, ମାନଭଞ୍ଜନ ସା, କୌଳାସ ଚନ୍ଦ୍ର ସେଠ, ହରେକୃଷ୍ଣ ଭୋଇ, ପ୍ରମୋଦ କୁମାର ଭୋଇ,ଦୀନବନ୍ଧୁ ମେହେର ପ୍ରମୁଖ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ନୂଆପଡ଼ା ଜିଲା କଂଗ୍ରେସର ନବ ସଂକଳ୍ପ ଶିବିର

ଖଡ଼ିଖାଳ, ୧୪।୬(ଡି.ଏନ୍.ଏ.)

ନୂଆପଡା ଜିଲା ଖଡ଼ିଆଳ ୨ ନମ୍ବର କଲ୍ୟାଣ ମଣ୍ଡପଠାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ସଭାପତି ଘାସିରାମ ମାଝିଙ୍କ ଅଧ୍ୟକ୍ଷତାରେ ଏକ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଏକତା ବଦ୍ଧ ଭାବରେ ଦଳକୁ ଆଗେଇ ନେବା ପାଇଁ ଆହ୍ୱାନ କରିଥିଲେ। ଏହି ଜିଲାସ୍ତରୀୟ କର୍ମଶାଳାରେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଖଡ଼ିଆଳ ନଗର ଅଧକ୍ଷ ଉଜ୍ଜଳ ଗୁପ୍ତା, ସିନାପାଲି ବ୍ଲକ ଉପାଧକ୍ଷା ମିନା ଘିବେଲା, ଏନ୍ଏସି ଉପାଧକ୍ଷା ଶକୁନ୍ତଳା ରାଉତ, ପିସିସି ସଭ୍ୟ ସନ୍ତୋଷ ମିଶ୍ର, ଲିଙ୍ଗରାଜ ଘିଭେଲା ଓ ଫାରୁକ ମହମ୍ମଦ, ପରିଷଦ ସଭ୍ୟ ଭରତ ଲାଲ ରାଉତ, ଜିଲା ଯୁବ କଂଗ୍ରେସ ସଭାପତି କପିଳେନ୍ଦ୍ର ଭୋଇ, ଜିଲା ଛାତ୍ର କଂଗ୍ରେସ ସଭାପତି ଅମିତାଭ ପଟେଲ, ଜିଲା ଏସସି ସେଲ ସଭାପତି ତ୍ରିନାଥ ମହାନନ୍ଦ, ଖଡ଼ିଆଳ ବ୍ଲକ ସଭାପତି ଶ୍ୟାମ ସୁନ୍ଦର କୁଳଦୀପ, ବୋଡ଼େନ ବ୍ଲକ ସଭାପତି ହୀରାଲାଲ ମାଝୀ, ସିନାପାଲି ବ୍ଲକ ସଭାପତି ଜୟପାଳ ନାଗ, କୋମନା ବ୍ଲକ ସଭାପତି କୈଳାସ ବାଗ, ନୂଆପଡ଼ା ବ୍ଲକ ସଭାପତି ଜଗଦୀଶ ସାହୁ ମଞ୍ଚାସୀନ ଥିଲେ। ଜିଲା ଓବିସି ସେଲ ସଭାପତି ହୀରାଧର ମେହେର ସଂକଳ୍ପ ପାଠ, ମେଡିଆ ସେଲ ଆବାହକ ବିଭୂଦତ୍ତ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ତୋଷ କୁମାର ପଟ୍ଟନାୟକ, ସତପାଲ ସିଂ ଛାବଡା, ଜନ୍ମେଜୟ ସିଂ ଦେଓ, ସୁଶାନ୍ତ ପଟ୍ଟନାୟକ, ସାନ ଜଗତ, ହେମସଗାର ନାଗ, ଦ୍ୱିତୀ ରଞ୍ଜନ ବାଗ, ପଞ୍ଚାନନ ସେଠି, ଶିବ ସିଙ୍ଘଲ, ବରୁଣ ସୁନା ସାମିଲ ହୋଇଥିଲେ। ବିଧାୟକଙ୍କ ଉପସ୍ଥିତିରେ ଭାଜପା ଓ ବିଜେଡିରୁ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

## ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

ଜାମଟିକ୍ରା, ୧୪।୬(ଡି.ଏନ.ଏ.)

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ଅଧୀନ ଜାମଟିକ୍ରା ଗ୍ରାମର ଗରିବ ଅସହାୟା ମହିଳା ସୁରୁନୁନି ଗଣ୍ଡଙ୍କୁ ଏଯାଏ ଆବାସ ଯୋଜନାରେ ସାମିଲ କରାଯାଇପାରିନାହିଁ। ଫଳରେ ଦୀର୍ଘ ୩୦ ବର୍ଷ ହେଲା ଏକ ଭଙ୍ଗା ଦଦରା ଘରେ ବହୁ କଷ୍ଟରେ ରହୁଛନ୍ତି ଏହି ପରିବାର। ସୁରୁନୁନି ଘର ଖଣ୍ଡିଏ ପାଇଁ ପଞ୍ଚାୟତ ଓ ବ୍ଲକ ଅଫିସ୍‌କୁ ଦୌଡ଼ି ନୟାନ୍ତ ହେଲେଣି। ତଥାପି କୌଣସି ସୁଫଳ ମିଳିନାହିଁ। ଅସହାୟ ସୁରୁନୁନିଙ୍କୁ ସରକାର ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଡିଓ ବିଶ୍ୱନାଥ ସାହୁ କୁହନ୍ତି, ଯଦି ସୁରୁନୁନିଙ୍କ ନାମ ଏସ୍‌ଇସି ଲିଷ୍ଟରେ ଅଛି ଓ ତାଙ୍କର ରୟତି ଜମି ଅଛି, ତେବେ ତାଙ୍କୁ ଖୁବଶୀଘ୍ର ଘର ମିଳିଯିବ।



କୁଡିଆ ସମ୍ମୁଖରେ ସୁରୁନୁନି ଗଣ୍ଡ।

## ସମବାୟ ନିର୍ବାଚନ: ତାଲିକା ଧରି ଭୋଟରଙ୍କୁ ଖୋଜୁଛନ୍ତି ପ୍ରାର୍ଥୀ

ପଦ୍ମପୁର,୧୪।୬(ଡି.ଏନ.ଏ.)

ପଞ୍ଚାୟତ ଓ ପୌର ନିର୍ବାଚନ ସରିବା ପରେ ରାଜ୍ୟରେ ସମବାୟ ସମିତି ନିର୍ବାଚନ ହେବାକୁ ଯାଉଛି। ସମବାୟ ସମିତିକୁ କିଭଳି ଦଖଲ କରାଯିବ ସେ ନେଇ ରାଜନୈତିକ ଦଳ ପକ୍ଷରୁ କଳକୌଶଳ ଲଗାଯାଉଛି। ପ୍ରାର୍ଥୀମାନେ ଜୋନ୍ ଅନୁସାରେ ତାଲିକା ଧରି ଭୋଟର ପାଖକୁ ଭେଟୁଛନ୍ତି। ବାଟ ଘାଟରେ ଯେଉଁଠାରେ ଯେତେବେଳେ ଭେଟିଲେ ଭୋଟ ଖଣ୍ଡେ ପାଇଁ ନିବେଦନ କରୁଛନ୍ତି। ବିଶେଷ କରି ଗ୍ରାମାଞ୍ଚଳରେ ସମବାୟ ନିର୍ବାଚନ ରୋଚକ ସ୍ଥିତିରେ ପହଞ୍ଚିଛି। ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳରେ ସମବାୟ ନିର୍ବାଚନ ଆସନ୍ତା ୨୬ ତାରିଖରେ ହେବ। ପ୍ରାର୍ଥୀମାନେ ନିଜ ନିଜ ଜୋନ୍‌ରୁ ଜିତିବା ପରେ କିପରି ସଭାପତି ଆସନ ହାତେଇବେ ସେ ନେଇ ଅଙ୍କ କଷୁଛନ୍ତି। ପୂର୍ବରୁ କେତେକ ସମିତିରେ ଥିବା ସଭାପତି ପୁଣି କ୍ଷମତାକୁ ଫେରିବା ପାଇଁ ଉଦ୍ୟମ କରୁଛନ୍ତି। ପଦ୍ମପୁର ବ୍ଲକରେ ବୁଡେନ ସମବାୟ ସମିତିକୁ ଛାଡି ଅବଶିଷ୍ଟ ସମବାୟ ସମିତିରେ ନିର୍ବାଚନ ହେବ। କେତେକ ସମିତିରେ କିଛି ବୋର୍ଡ ସଭ୍ୟ ବୁଝାମଣାରେ ନିର୍ବାଚିତ ହୋଇଥିବା ବେଳେ ଆଉ କିଛି ସମିତିରେ କଡା ମୁକାବିଲା ହେବ ବୋଲି ଜଣାପଡିଛି।

## ଯୁବକଙ୍କୁ ମାଡ଼ ଘଟଣା: ଦୁଇ କୋର୍ଟ ଚାଲାଣ

ଖଡ଼ିଆଳ, ୧୪।୬(ଡି.ଏନ.ଏ)

ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ପଞ୍ଚାୟତ କୁଲିଗାଁ ଠାରେ ଦିଲେଶର ନାଗ ନାମକ ଜଣେ ଯୁବକଙ୍କୁ ମାଡ଼ ଘଟଣାରେ ପୋଲିସ ୨ଜଣଙ୍କୁ କୋର୍ଟ ଚାଲାଣ କରିଛି। ଗତ ଏପ୍ରିଲ ୧୧ ତାରିଖ ରାତ୍ର ୮ଟା ୩୦ରେ ରାଜାମୁଣ୍ଡା ଗ୍ରାମରୁ ଦିଲେଶର ମୋଟର ସାଇକେଲରେ ଫେରୁଥିଲେ। ରାସ୍ତାରେ ଅଟକାଇ କୁଲିଗାଁ ଗ୍ରାମର ତିନିଜଣ ଯୁବକ ସୀତାରାମ ଶବର, ଦିଗାମ୍ବର ଶବର ଓ ଅନ୍ୟଜଣେ ଠେଙ୍ଗାରେ ମାଡ ମାରି ଗୁରୁତର କରି ହତ୍ୟା ଉଦ୍ୟମ କରିଥିଲେ। ଏନେଇ ଦିଲେଶ୍ୱର ନାଗଙ୍କ ଅଭିଯୋଗକୁ ଭିତ୍ତିକରି ଖଡ଼ିଆଳ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଫେରାର ହୋଇଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୨୧୫/୨୨) ରୁଜୁ କରିଛି।

## ବିଶ୍ୱ ରକ୍ତଦାତା ଦିବସରେ ଡ୍ରାଇଭର ୟୁନିୟନ ସମ୍ବର୍ଦ୍ଧିତ

ଲାଠୋର, ୧୪।୬(ଡି.ଏନ.ଏ.)

ବିଶ୍ୱ ରକ୍ତଦାତା ଦିବସରେ ବଲାଙ୍ଗୀର ଜିଲା ଲାଠୋର ଜୟ ମା ବସ୍ରେନ ଡ୍ରାଇଭର ୟୁନିୟନ ପୁରସ୍କୃତ ହୋଇଛି। କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ମଙ୍ଗଳବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏଡ଼ିଏମଓ ଡ଼ା. କେ.ସି.ମହନ୍ତ ଡ୍ରାଇଭର ୟୁନିୟନକୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଛନ୍ତି। ମାନପତ୍ର ଗ୍ରହଣ ସମୟରେ ୟୁନିୟନ ସଭାପତି ଅନ୍ତର୍ଯ୍ୟାମୀ ସେଠ, ସମ୍ପାଦକ ସୀମାଞ୍ଚଳ ସାହୁ, କୋଷାଧ୍ୟକ୍ଷ ଗୁପ୍ତେଶ୍ୱର ବେହେରା, ସଭ୍ୟ ଦିବାକର ସା, ଗୋବିନ୍ଦ ମେହେର, ଜୟକୃଷ୍ଣ ଖର୍ସେଲ, ଉପଦେଷ୍ଟା ଦିଲୀପ ନାଏକ ଉପସ୍ଥିତ ଥିଲେ। ୨୦୧୭ରୁ ଲାଠୋର ଡ୍ରାଇଭର ୟୁନିୟନ ପ୍ରତିବର୍ଷ ରକ୍ତଦାନ ଶିବିରର ଆୟୋଜନ କରି ଆସୁଛି। ଆଗକୁ ମଧ୍ୟ ଏହି କାର୍ଯ୍ୟ ଜାରି ରହିବ ବୋଲି ୟୁନିୟନ ପକ୍ଷରୁ କୁହାଯାଇଛି।





ସମ୍ବର୍ଦ୍ଧିତ ହେବା ଅବସରରେ ଲାଠୋର ଡ୍ରାଇଭର ୟୁନିୟନ କର୍ମକର୍ତ୍ତା।

# ବୌଦ୍ଧ ଜିଲାର ଉନ୍ନତି ପାଇଁ ସହଯୋଗ ଆବଶ୍ୟକ

**ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କୁ ସମ୍ବର୍ଦ୍ଧନା**

ବୌଦ୍ଧ,୧୪।୬(ସ୍ୱ.ପ୍ର.)

ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ରାଜ୍ୟ ମନ୍ତ୍ରୀମଣ୍ଡଳରେ ତୃତୀୟ ଥର କ୍ୟାବିନେଟ ମନ୍ତ୍ରୀ ଭାବରେ ସ୍ଥାନ ପାଇଛନ୍ତି। ତାଙ୍କୁ ତିନୋଟି ପ୍ରମୁଖ ବିଭାଗ ପଞ୍ଚାୟତିରାଜ ଓ ପାନୀୟଜଳ,ଜଙ୍ଗଲ ଓ ପରିବେଶ ଏବଂ ସୂଚନା ଓ ଲୋକସମ୍ପର୍କ ଦାୟିତ୍ୱ ମିଳିଛି। ମନ୍ତ୍ରୀ ହେବା ପରେ ଗତ ସୋମବାର ଦିନ ଅମାତ ବୌଦ୍ଧ ଗସ୍ତରେ ଆସିଥିଲେ। ଏହି ଅବସରରେ ତାଙ୍କୁ ଜିଲାବାସୀଙ୍କ ପକ୍ଷରୁ ବିପୁଳ ସ୍ୱାଗତ କରାଯିବା ସହିତ ଜିଲାର ୮୪ ଗୋଟି ଅନୁଷ୍ଠାନ ପକ୍ଷରୁ ନାଗରିକ ସମ୍ମାନ ପ୍ରଦାନ କରାଯାଇଛି। ମଙ୍ଗଳବାର ଦିନ ମନ୍ତ୍ରୀ ଅମାତଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବା ସହିତ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସଠାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ପାନୀୟ ଜଳ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଜିଲା ରାଜସ୍ୱ ଅମଲା ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଭାରେ ମନ୍ତ୍ରୀ ଅମାତ ନିର୍ବାଚନ ଆଉ ଦୁଇ ବର୍ଷ ଥିବା ବେଳେ ସ୍ୱଳ୍ପ ସମୟ ମଧ୍ୟରେ ରାଜ୍ୟର ଯେପରି ଉନ୍ନତି ହୋଇପାରିବ ସେ ନେଇ ପଦକ୍ଷେପ ନେବା ସହ ବୌଦ୍ଧ ଜିଲାର ଉନ୍ନତି ପାଇଁ ଜିଲା ପ୍ରଶାସନର କର୍ମଚାରୀ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ଦଳବେହେରା ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଉପସ୍ଥିତ ଥିଲେ।



ବୌଦ୍ଧ ପ୍ରଶାସନ ପକ୍ଷରୁ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ଅପରାହ୍ନ ସାଢ଼େ ୪ଟା।
- ସ୍ୱତନ୍ତ୍ର ଯୋଗ ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, କେନ୍ଦ୍ରୀୟ ବିଦ୍ୟାଳୟ-୧, ସକାଳ ୫ଟା ୫୫ ମିନିଟ୍।

## ସଂକ୍ଷେପରେ

### ଟ୍ରେଲର ଧକ୍କାରେ ଯୁବତୀ ମୃତ

**ରାଉରକେଲା ଅଫିସ,୧୪।୬:** ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ଭଗବତୀ କଣ୍ଟା ନିକଟରେ ଟ୍ରେଲର ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତା ଯୁବତୀ ହେଲେ ରାଜଗାଙ୍ଗପୁର ସୁରୁଡିହି ଅଞ୍ଚଳରେ ଲକ୍ଷ୍ମୀ ମିଞ୍ଜ। ଏହି ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର ହୋଇ ଆରଜିଏଚ୍‌ରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ, ମଙ୍ଗଳବାର ଲକ୍ଷ୍ମୀ ଓ ତାଙ୍କ ଭଉଣୀଜ୍ୱାଇଁ ରତିଆ ଇନ୍ଦୁଆରଙ୍କ ସହିତ ଏକ ବାଇକ୍ ଯୋଗେ ରାଉରକେଲା ବୈଷ୍ଣୋଦେବୀ ମନ୍ଦିରକୁ ବୁଲିବା ପାଇଁ ଆସି ଦିନ ସାଢ଼େ ୧୨ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ବେଦବ୍ୟାସ ସ୍ଥିତ ଭଗବତୀ କଣ୍ଟା ପାଖରେ ଏକ ଟ୍ରେଲର (ନଂ.ଏନ୍‌ଏଲ୍‌୦୧ଏବି/୧୨୯୭) ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଲକ୍ଷ୍ମୀଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୧୧୭।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଅର୍ଜୁନ ସଭାପତି, ପ୍ରଦୀପ ସମ୍ପାଦକ

**ବରିଷ୍ଠ ନାଗରିକ ସମାଜର ନୂତନ କର୍ମକର୍ତ୍ତା**

**ସମ୍ବଲପୁର,୧୪।୬(ବ୍ୟୁରୋ):** ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସମାଜର ନୂତନ କର୍ମକର୍ତ୍ତା ଚୟନ ଅଇଁଠାପାଲିସ୍ଥିତ ପ୍ରେସ୍ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅର୍ଜୁନ ରଞ୍ଜନ ପଣ୍ଡା ସଭାପତି ଓ ପ୍ରଦୀପ ପଣ୍ଡା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ନାରାୟଣ ନାୟକ ଓ ରାଜଲକ୍ଷ୍ମୀ ମିଶ୍ର ଉପସଭାପତି, ସୁରେଖା ସାହୁ ସହସମ୍ପାଦକ, ନିର୍ମଳ ମାଇତି କୋଷାଧକ୍ଷ ରହିଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଗୋପରଞ୍ଜନ ଦୁବେ, ଅରବିନ୍ଦ ମହାପାତ୍ର, ପ୍ରଫୁଲ୍ଲ ହୋତା, ଗୋପୀନାଥ ମିଶ୍ର, ସଦାନନ୍ଦ ସୋନବର୍ଷା, ଡା. ବିନୋଦ ବିହାରୀ ନାୟକ, ଅରୁଣ ମଜୁମଦାର, ପ୍ରଦ୍ୟୋତ କୁମାର ମିଶ୍ର, ନରେନ୍ଦ୍ର ମେହେର, ପଠାଣ ପଣ୍ଡା, ରାମେଶ୍ୱର ପାଢ଼ୀ, ରାମନାରାୟଣ ସେଠ, ପ୍ରଭାସ ବାନାର୍ଜି, ଡା. ସୁରେନ୍ଦ୍ର ପଣ୍ଡା, ଅଦ୍ୱୈତ କୁମାର ପଣ୍ଡା, ବିଜୟଲକ୍ଷ୍ମୀ ବେହେରା, ନୀଳେନ୍ଦ୍ରି ପଣ୍ଡା, ବୀଣାପାଣି ପତି ରହିଛନ୍ତି। ଏହି ନୂତନ କମିଟି ଆସନ୍ତା ୨ବର୍ଷ ସକାଶେ କାର୍ଯ୍ୟ କରିବ।

# ସ୍ନାନପୂର୍ଣ୍ଣିମାରେ ଶ୍ରୀଜୀଉଙ୍କ ଗଜବେଶ

**ସମ୍ବଲପୁର, ୧୪।୬ (ବ୍ୟୁରୋ)**

ସମ୍ବଲପୁର ସହରର ବିଭିନ୍ନ ପଡାରେ ଥିବା ୨୯ଟି ଜଗନ୍ନାଥ ମନ୍ଦିରରେ ମଙ୍ଗଳବାର ଦେବସ୍ନାନ ପୂର୍ଣ୍ଣିମା ପାଳନ କରାଯାଇଛି। ସ୍ନାନ ନୀତି ପରେ ସହରର ସର୍ବପୁରାତନ ଝାଡୁଆପଡ଼ା ବ୍ରହ୍ମପୁରା ଠାକୁର ଗଜ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପରମ୍ପରାନୁସାରେ ପ୍ରାତଃ ୩ଟାରେ କୂଅରୁ ୨୦ଜଣ ଯୁବକ ୧୦୮ ପୂର୍ଣ୍ଣ କଳସରେ ପାଣି ଆଣି ମନ୍ଦିରରେ ରଖିଥିଲେ। ସକାଳ ସାଢ଼େ ୭ଟାରେ ଠାକୁରଙ୍କ ଆଳତି ହେବା ସହ ସେନାପଟା ଲାଗି ନୀତି ହୋଇଥିଲା। ୯ଟାରେ କର୍ପୂର ଆଳତି ପରେ ପୂଜକମାନେ ସୁଦର୍ଶନଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଇଥିଲେ। ଘଣ୍ଟ, ଶଙ୍ଖ, ହରିବୋଲ ହୁଳହୁଳିରେ ଅଞ୍ଚଳ ଉଛୁଳି ପଡିଥିଲା। ଏହାପରେ ସେବାୟତମାନେ ତିନି ଠାକୁରଙ୍କୁ ଧାଡି ପହଣ୍ଡିରେ ବିଜେ କରି ସ୍ନାନ ମଣ୍ଡପକୁ ନେଇଥିଲେ। ସ୍ୱତନ୍ତ୍ର ପୂଜା ଶେଷ ପରେ ୧୦୮ ପୂର୍ଣ୍ଣ କଳସରେ ଠାକୁରଙ୍କୁ ସ୍ନାନ କରାଯାଇଥିଲା। ସ୍ନାନ ପାଣି ନେବା ପାଇଁ ସହସ୍ରାଧିକ ଭକ୍ତଙ୍କ ଭିଡ ଲାଗିରହିଥିଲା। ସ୍ନାନ ପରେ ନୀତି ଅନୁସାରେ ଠାକୁରଙ୍କୁ ଗଜ ବେଶରେ ସଜ୍ଜିତ କରାଯାଇଥିଲା। ଏହାକୁ ଦେଖିବା ପାଇଁ ସହର ତଥା ବୁର୍ଲା, ହୀରାକୁଦ, ରେଙ୍ଗାଲି, ମାନେଶ୍ୱର, ଚିପିଲିମା ଅଞ୍ଚଳରୁ ଭକ୍ତମାନଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ଆଳତି ପରେ ଠାକୁରଙ୍କୁ ଅଣସର ଘରକୁ ନିଆଯାଇଥିଲା। ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା, ଅମରନାଥ ସୁପକାର, ରାଜାରାମ ସୁପକାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ତ୍ରିବିକ୍ରମ ସୁପକାର, ପ୍ରାଣରଞ୍ଜନ ପଣ୍ଡା, ସୀତାରାମ ସୁପକାର, ପ୍ରକାଶଚନ୍ଦ୍ର ପୂଜାରୀ, କୈଳାସ ପଣ୍ଡା, ଶୁଭେନ୍ଦ୍ର ପଣ୍ଡା, ପ୍ରଦୀପ ସୁପକାର, ଶୀତିକଣ୍ଠ ସୁପକାର, ପ୍ରଫୁଲ୍ଲ ତ୍ରିପାଠୀ, ଧିନା ପ୍ରଧାନ, ଶୁଭେନ୍ଦୁ ମିଶ୍ର, ପ୍ରବୀଣ କୁମାର ଦୀକ୍ଷିତ ଠାକୁରଙ୍କ ସେବା କରିଥିଲେ।



ବ୍ରହ୍ମପୁରା ମନ୍ଦିର ସ୍ନାନ ମଣ୍ଡପରେ ଠାକୁରଙ୍କ ଗଜ ବେଶ ।

### ବିଭିନ୍ନ ମନ୍ଦିରରେ ଦେବସ୍ନାନ

# ଝୁମ୍ପୁରା ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଝୁମ୍ପୁରା ବ୍ଲକରେ ଅଭିଯୋଗ ଶୁଣାଣି କରାଯାଉଛି।

**ସମ୍ବଲପୁର,୧୪।୬(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁମ୍ପୁରା ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁରଜ ବିଶ୍ୱାଳ ଅଧ୍ୟକ୍ଷତା କରିଥିବା ବେଳେ ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ୍ ଅଜାମ୍ବର ମହାନ୍ତି ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏପିଡି ତନ୍ମୟ ଦରୱାନ, ଜିଲାପରିଷଦ ଉପସଭାପତି ମାଧମ ମିର୍ଦ୍ଧା, ବ୍ଲକ ଅଧ୍ୟକ୍ଷା ମମତା ନାଏକ ଉପସ୍ଥିତ ଥିଲେ। ଶିବିରରେ ୫୮ ବ୍ୟକ୍ତିଗତ ଓ ୧୨ ଗୋଷ୍ଠୀଗତ ଅଭିଯୋଗ ହୋଇଥିଲା। ମୁଖ୍ୟତଃ ପାନୀୟ ଜଳ ସମସ୍ୟା, ପୋଖରୀ ଖନନ, ରାସ୍ତା ନିର୍ମାଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ସାମଗ୍ରୀର ବକେୟା ବିଲ ଓ ଶ୍ରମିକ ପାଉଣା, କେସାପାଲି ଗ୍ରାମରେ ୫-ଟିସ୍କୁଲରେ ଶିକ୍ଷକ ନିଯୁକ୍ତି, କେସାପାଲି ବଘ୍ନୋଯୋରରେ ପୋଲ ନିର୍ମାଣ ଆଦି ଦାବି ହୋଇଥିଲା। ସମିତି ସଭ୍ୟ, ସରପଞ୍ଚମାନେ ମଧ୍ୟ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ।

# ଖେଲୋ ଇଣ୍ଡିଆରେ ସୁନ୍ଦରଗଡ଼ ଜିଲାର ବିଶାଳ ଓରାମଙ୍କ ସଫଳତା

**ସୁନ୍ଦରଗଡ଼, ୧୪।୬(ଡି.ଏନ୍.ଏ.)**

ହରିଆଣାର ପଞ୍ଚକୁଲାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡା ପ୍ରତିଯୋଗିତାରେ ଓଡ଼ିଶା ବାଳକ ବାଳିକା ଓ ବାଳକ ଦଳ ଖୋଖୋ ଖେଳରେ ରୌପ୍ୟ ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ରାଜ୍ୟ ବାଳକ ଦଳରେ ସୁନ୍ଦରଗଡ଼ ଜିଲାର ବିଶାଳ ଓରାମ ରାଜ୍ୟ ପାଇଁ ପ୍ରତିନିଧି କରି ତାଙ୍କର କ୍ରୀଡ଼ା ନୈପୁଣ୍ୟରେ ସମସ୍ତଙ୍କୁ ସ୍ତବ୍ଧ କରିଛନ୍ତି। ଗତ ସେପ୍ଟେମ୍ବର ମାସରେ କିଟ, ଭୁବନେଶ୍ୱର ଠାରେ ୪୦ ତମ କନିଷ୍ଠ ଜାତୀୟ ଖୋଖୋ ପ୍ରତିଯୋଗିତାରେ ବିଶାଳ, ଟିଙ୍କୁ ଓ ରେଶମା ଓଡ଼ିଶା ଦଳର ପ୍ରତିନିଧି କରି କାଂସ୍ୟ ପଦକ ଆଣିଥିଲେ। ବିଶାଳ ଓରାମ ତଳସରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଣ୍ଟାବାହାଲ ଗ୍ରାମର ପିତା ତୁଳସୀ ଓରାମ ଓ ମାତା ଭଗବତୀ ଓରାମଙ୍କ ସୁପୁତ୍ର। ବିଶାଲଙ୍କ ପ୍ରତିଭା ସେ ତୁମୁଲିଆସ୍ଥିତ ମାଣିକେଶରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢ଼ିବା ସମୟରେ ପରିଲକ୍ଷିତ ହୋଇଥିଲା। ଏହି ସମୟରେ ସେ ରାଜ୍ୟସ୍ତରୀୟ ଖୋଖୋ ରେଫରୀ ତଥା ଜିଲାର ସୁନାମଧନ୍ୟ ଖୋଖୋ ପ୍ରଶିକ୍ଷକ ଅନିଲ ସାହୁଙ୍କ ତତ୍ତ୍ୱାବଧାନରେ କ୍ରୀଡାଭ୍ୟାସ କରୁଥିଲେ। ନିଜ ପ୍ରତିଭା ବଳରେ ବିଶାଲ ଏ ଯାବତ ପାଞ୍ଚ ଥର ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସେ ମଧ୍ୟରୁ ଦୁଇ ଥର ବିଦ୍ୟାଳୟ ଜାତୀୟ ସ୍ତରୀୟ ଓ ତିନି ଥର ଜାତୀୟ କ୍ରୀଡାରେ ଭାଗ ନେଇ ୩ଟି ପଦକ ଆଣିଥିଲେ। ବିଶାଲ ଏବେ ଆଣିଥିବା ସଫଳତା ପାଇଁ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ତରଫରୁ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଖୋଖୋ ସମ୍ପାଦକ ପ୍ରଶାନ୍ତ କୁମାର ପଟେଲ, ସହସମ୍ପାଦକ ଜୟଦେବ ପାତ୍ର ତଥା ସେ ପଢୁଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ସହଦେବ ମହାକୁଡ ତଥା ଜିଲା କ୍ରୀଡ଼ା ସଂସଦର ସଦସ୍ୟଗଣ ବିଶାଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




ବିଶାଲ ଓରାମ।

# ସ୍ନାନ ମଣ୍ଡପରେ ସ୍ନାନ କଲେ ତିନିଠାକୁର

**ବ୍ରଜରାଜନଗର,୧୪।୬(ଡ.ଏନ.ଏ.)**

ବ୍ରଜରଜନଗର ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ତରଫରୁ ମହା ସ୍ନାନ ଯାତ୍ରା ପରମ୍ପରା ଅନୁସାରେ ପାଳନ କରାଯାଇଛି। ସକାଳ ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ସମାପନ କରାଇ ସ୍ନାନମଣ୍ଡପକୁ ନିଆଯାଇଥିଲା। ମଣ୍ଡପ ଉପରେ ହୋମ କରାଯାଇଥିଲା। ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଟ୍ରଷ୍ଟବୋର୍ଡ ମୁଖ୍ୟ ପରିଚାଳକ ଅର୍ଜୁନ ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦସ୍ୟମାନେ ସହାୟତା କରିଥିଲେ।

# ରକ୍ତଦାତା ଦିବସରେ ରକ୍ତଦାନ ଶିବିର

**ରାଉରକେଲା ଅଫିସ,୧୪।୬**

ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ଜେନେରାଲ ହସ୍ପିଟାଲରେ ମଙ୍ଗଳବାର ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଭାରପ୍ରାପ୍ତ ସିଏମ୍‌ଓ ଡକ୍ଟର ବି. କେ ହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ସିଜିଏମ୍ ରମେଶ ବାବୁ, ଆରଏମ୍‌ଏଚ୍‌ପି ବିଭାଗର ସିଜିଏମ୍ ଏସ୍.ଏସ୍. ରାୟଚୌଧୁରୀ, କୋକ୍‌ଓଭେନ ବିଭାଗର ସିଜିଏମ୍ ତୁଳାରାମ ବେହେରା, ଏସ୍‌ଏମ୍‌ଏସ୍-୨ ବିଭାଗର ଟି. ପି ଶିବ ଶଙ୍କର, ସିଏମ୍‌ଓ ଡକ୍ଟର ଏନ୍. ପି ସାହୁ, ଡକ୍ଟର ଏଲ. କେ ବିଶ୍ୱାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ କାରଖାନାର ୬ ଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସମସ୍ତଙ୍କୁ ରକ୍ତଦାନ ପାଇଁ ଶପଥପାଠ କରାଯାଇଥିଲା।

# ରାଜଗାଙ୍ଗପୁରରେ ବିଶ୍ୱ ରକ୍ତଦାତା ଦିବସ



ବିଶ୍ୱରକ୍ତଦାତା ଦିବସରେ ସାମିଲ ହୋଇଥିବା ମହିଳା।

ରାଜଗାଙ୍ଗପୁର, ୧୪।୬(ଡି.ଏନ.ଏ)- ରାଜଗାଙ୍ଗପୁର ବ୍ଲକ ସ୍ତରରେ ବିଶ୍ୱରକ୍ତଦାତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ରାଜଗାଙ୍ଗପୁର ପଞ୍ଚାୟତ ସମିତି ଦ୍ୱାରା ଚୁଙ୍ଗିମାଟି ଓ ଗର୍ଭଣା ପଞ୍ଚାୟତରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ଜିଲା ସିଡିଏମଓ ସରୋଜ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେଯୋଗ ଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜଗାଙ୍ଗପୁର ବିଡିଓ ପିୟୁସ ଲୁହାର ଯୋଗଦେଇଥିଲେ। ଚୁଙ୍ଗିମାଟି ସରପଞ୍ଚ ଜଗଦୀଶ ଟପ୍ପୋ, ସମିତି ସଭ୍ୟ ଜ୍ୟୋତି ରଞ୍ଜନ ନାୟକ, ଗର୍ଭଣା ସମିତି ସଭ୍ୟ ଗଣେଶ କେରକେଟା, ସାଗଜୋର ସରପଞ୍ଚ ସୁକ୍ରା କୁଜୁର ପ୍ରମୁଖ ଏହି ଶିବିରକୁ ପରିଚାଳନା କରିଥିଲେ। ଚୁଙ୍ଗିମାଟି ପଞ୍ଚାୟତରେ ୪୬ ୟୁନିଟ ଓ ଗର୍ଭଣା ପଞ୍ଚାୟତରେ ୨୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

# ମୃତ ଦାଦନ ଶ୍ରମିକଙ୍କ ପରିବାରକୁ ଭେଟିଲେ ବିଜେଡି ନେତା

**ନାକଟିଦେଉଳ,୧୪।୬(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ କମଳାନାଳୀ ଗ୍ରାମର ବୈଷ୍ଣବ ଚରଣ ପ୍ରଧାନ ନାମକ ଯୁବକ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବା ବେଳେ ସେଠାକାର ଏକ ଟ୍ରେନ୍ ଲାଇନ କଡ଼ରୁ ଗତ ବୁଧବାର ତାଙ୍କ ମୃତଦେହ ମିଳିଥିଲା। କମଳାନାଳି ଗ୍ରାମର ରାମଚନ୍ଦ୍ର ପ୍ରଧାନଙ୍କ ପୁଅ ବୈଷ୍ଣବଙ୍କ ମୃତ୍ୟୁକୁ ନେଇ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏପରି କି ଗରିବ ଶ୍ରେଣୀର ହୋଇଥିବାରୁ ସେଠାରୁ ମୃତଦେହ ଆଣିବାକୁ ସକ୍ଷମ ନ ଥିଲେ। ତେବେ ତାମିଲନାଡୁର ଯେଉଁ ସ୍ଥାନରେ ବୈଷ୍ଣବ କାମ କରୁଥିଲେ ସେଠାରେ ତାଙ୍କର ମୃତଦେହ ସଂସ୍କାର କରାଯାଇଥିଲା। ମଙ୍ଗଳବାର ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର ଘୋଷରାମାଳ ପଞ୍ଚାୟତର ସମିତିସଭ୍ୟ ସୁଦର୍ଶନ ସାହୁ ମୃତକଙ୍କ ମା'ବାପାଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ଶୁଦ୍ଧିକ୍ରିୟା ପାଇଁ ସହାୟତା କରିଥିଲେ।

### ବିଭିନ୍ନ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା

**ଲହୁଣୀପଡା,୧୪।୬(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ମହାସମାରୋହରେ ମଙ୍ଗଳବାର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇ ଯାଇଛି। ମଙ୍ଗଳବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଜଗତର ନାଥ ଜଗନ୍ନାଥଙ୍କ ସ୍ନାନ ପର୍ବ। ଏଥିପାଇଁ ଲହୁଣୀପଡା ଅଞ୍ଚଳରେ ଥିବା ଶରଧାପୁର, ବ୍ଲକ କଲୋନୀ, ବସଷ୍ଟାଣ୍ଡ, ଗମଲେଇ, ତୁମକଳା, କପଣ୍ଡେ, କଲେଇପୋଷ, କୁଲିପୋଷ, ଖୁଣ୍ଟଗା, ବରସୁଆଁ, ପ୍ରଭୃତି ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ଠାକୁରମାନଙ୍କର ସ୍ନାନ ପର୍ବ ପାଳନ କରାଯାଇଥିବା ଜଣାପଡିଛି। ଏହି ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଜଗନ୍ନାଥ ପ୍ରେମୀଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା।

### ବଜ୍ରପାତରେ ଯୁବକ ମୃତ

**ଡୁଙ୍ଗୁରିପାଲି, ୧୪।୬(ଡ଼.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ତମାମୁରା ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ଏଥିରେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଇନ୍ଦ୍ରଜିତ ବେରିହା (୩୦)। ଆହତ ଚନ୍ଦ୍ରଶେଖର ସେଠ (୫୦)ଙ୍କୁ ଡାକ୍ତରଖାନା ଭର୍ତ୍ତି କରାଯାଇଛି। ଏନେଇ ଡୁଙ୍ଗୁରିପାଲି ପୋଲିସ ଏକ ଅପମୃତ୍ୟୁ ମାମଲା(୭/୨୨)ରୁଜୁ କରି ବିନିକା ମେଡିକାଲ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବିବାହ ବନ୍ଧନରେ ବାନ୍ଧିହେଲେ ୨ ଭାରତୀୟ ବୈଜ୍ଞାନିକ

**ନାକଟିଦେଉଳ,୧୪।୬(ଡି.ଏନ୍.ଏ.)**

ଆମେରିକାରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ ଥିବା ଭାରତର ୨ଜଣ ବୈଜ୍ଞାନିକ ବିବାହ ବନ୍ଧନରେ ବାନ୍ଧି ହୋଇ ନୂତନ ଜୀବନ ଆରମ୍ଭ କରିଛନ୍ତି। ନାକଟିଦେଉଳ ବ୍ଲକ ନାକଟିଦେଉଳ ଗ୍ରାମର ଯୁବ ବୈଜ୍ଞାନିକ ଡ. ଧୀରେନ କୁମାର ପ୍ରଧାନ ଗତ ୯ତାରିଖରେ ବିହାର ଭାଗଲପୁରର ଶାଳିନୀ ସିଂଙ୍କୁ ବିବାହ କରିଛନ୍ତି। ଦିଲ୍ଲୀର ଏକ ହୋଟେଲରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଧୀରେନ ଆମେରିକାର ଓଆକ ରାଇଡ଼ ନ୍ୟାଶନାଲ ଲାବରେଟୋରିରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କର ସହଧର୍ମିଣୀ ଶାଳିନୀ ପେନସିଲଭାନିଆ ଷ୍ଟେଟ ୟୁନିଭରସିଟିରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ। ଶାଳିନୀ ବିହାର ଭାଗଲପୁରର ଡ଼. କେ.ପି. ସିଂ ଓ ଶୈଳଜା ସିଂଙ୍କ ଏକମାତ୍ର କନ୍ୟା ହୋଇଥିବା ବେଳେ ନାକଟିଦେଉଳ ନିବାସୀ ଦାଶରଥୀ ପ୍ରଧାନ ଓ ମୁକ୍ତାମୟି ପ୍ରଧାନଙ୍କ ଦ୍ୱିତୀୟ ପୁତ୍ର ହେଉଛନ୍ତି ଧୀରେନ। ଗତ ୧୨ତାରିଖରେ ନାକଟିଦେଉଳ ଦାଶରଥୀ ପ୍ରଧାନଙ୍କ ବାସଭବନରେ ହୋଇଥିବା ବିବାହ ଭୋଜିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ବନ୍ଧୁପରିଜନ ଯୋଗଦେଇ ନବ ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇବ ସହ ଆଶୀର୍ବାଦ ପ୍ରଦାନ କରିଥିଲେ।



ବିବାହ ବନ୍ଧନରେ ନବଦମ୍ପତି।

# ପାନପୋଷ ହକି ଛକକୁ ହତାଦର

## ଉଠିଗଲାଣି ଅଲିମ୍ପିଆନଙ୍କ ନାମଫଳକ



ପାନପୋଷ ହକି ଛକରେ ଷ୍ଟିଲ ବାଡ ଭାଙ୍ଗି ଯାଇଛି।

**ରାଉରକେଲା ଅଫିସ,୧୪।୬**

୨୦୨୩ରେ ହକି ବିଶ୍ୱକପ୍ ଥିବାରୁ ରାଉରକେଲା ସହର ଏବେଠାରୁ ସଜେଇ ହେଲାଣି। ସ୍ଥାନୀୟ ପ୍ରଶାସନ ପକ୍ଷରୁ କେଉଁଠି କାନ୍ଥରେ ହକି ଖେଳାଳିଙ୍କ ଚିତ୍ର ଅଙ୍କା ଯାଉଛି ତ ଆଉ କେଉଁଠି ହକି ଷ୍ଟିକ୍ ନିର୍ମାଣ କରାଯାଉଛି। ହକି ବିଶ୍ୱକପ୍‌କୁ ସଫଳ କରିବା ପାଇଁ ଛେଣ୍ଡ ସ୍ଥିତ ବିପିୟୁଟି ପରିସରରେ ବିଶ୍ୱ ସ୍ତରୀୟ ହକି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। କିନ୍ତୁ ସହରର ବହୁ ପୁରାତନ ପାନପୋଷ ହକି ଛକରେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏହି ଛକର ଉନ୍ନତି ପାଇଁ ସ୍ଥାନୀୟ ପ୍ରଶାସନ ସତେ ଯେପରି ଆଖି ବୁଜିଦେଇଛି। ଏଠାରେ ହକିର ଉନ୍ନତି ସହ ଜାତୀୟ, ଅନ୍ତର୍ଜାତୀୟ ସ୍ତରର ଖେଳାଳିଙ୍କ ସମ୍ମାନ ଉଦ୍ଦେଶ୍ୟରେ ୨୦୦୫ ଜୁନ ୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାନପୋଷ ହକି ଛକକୁ ଉଦ୍‌ଘାଟନ କରିଥିଲେ। ହକି ଛକରେ ଏକ ପଥର ଉପରେ ଅନ୍ତର୍ଜାତୀୟ ହକି ତାରକା ଦିଲୀପ ତିର୍କୀ, ଲାଜରୁସ୍ ବାର୍ଲା, ପିଟର ତିର୍କୀ, ପ୍ରବୋଦ ତିର୍କୀ ଭଳି ଷ୍ଟାର ଖେଳାଳିଙ୍କ ନାମ ସହ ଦୁଇଟି ହକି ଷ୍ଟିକ୍ ରହିଛି। ଖେଳାଳିଙ୍କ ନାମ ଥିବା ପଥର ଷ୍ଟାଚ୍ୟୁକୁ ଚାରିପଟୁ ବାଡ ଦେଇ ଆବଦ୍ଧ କରାଯାଇଥିଲା। ଏବେ ଏହି ଗ୍ରୀଲ ବାଡ ଅଧାରୁ ଅଧିକ ଭାଙ୍ଗି ନଷ୍ଟ ହୋଇଗଲାଣି। ଷ୍ଟାଚ୍ୟୁରେ ଲେଖାଯାଇଥିବା ଅଲିମ୍ପିଆନଙ୍କ ନାଁର ଅକ୍ଷରଗୁଡ଼ିକ ଖସି ପଡିଥିବାବେଳେ ଆଉ କିଛି ଖେଳାଳିଙ୍କ ସାଙ୍ଗିଆ ଉଭେଇ ଗଲାଣି। ବାଡ ନ ଥିବାରୁ ଏହା ଏବେ ବୁଲା ପଶୁପକ୍ଷୀଙ୍କ ଆଶ୍ରୟସ୍ଥଳ ପାଲିଟିଛି। ରାଉରକେଲାରେ ହକି ବିଶ୍ୱକପ୍ ହେବାକୁ ଥିବାବେଳେ ସାରା ବିଶ୍ୱର ନଜର ଏହି ସହର ଉପରେ ରହିଛି। ତେଣୁ ଏହି ଅବହେଳିତ ହକି ଛକର ଉନ୍ନତୀକରଣ ପାଇଁ ଦାବି ହୋଇଛି।

### ଏମାନେ ଯାହା କୁହନ୍ତି...



"ପାନପୋଷ ହକି ଛକରେ ଖେଳାଳିଙ୍କ ସମ୍ମାନ ପାଇଁ ନିର୍ମିତ ପଥର ଷ୍ଟାଚ୍ୟୁର ପୁନରୁଦ୍ଧାର ନିତ୍ୟନ୍ତ ଆବଶ୍ୟକ। ଏହି ଷ୍ଟାଚ୍ୟୁର ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣ ପାଇଁ ଆମେ ପୂର୍ବତନ ଏଡିଏମ୍‌ଙ୍କ ସହ ଆଲୋଚନା କରିଥିଲୁ। କିନ୍ତୁ ତାଙ୍କ ବଦଳି ପରେ ଏହି କାର୍ଯ୍ୟ ଆଉ ଆଗେଇ ପାରିନାହିଁ। ତେଣୁ ବିଶ୍ୱକପ୍ ହକି ପୂର୍ବରୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ଦରକାର ।

**-ଲାଜରୁସ୍ ବାର୍ଲା, ଅନ୍ତର୍ଜାତୀୟ ହକି ଅଲିମ୍ପିଆନ୍**



"ରାଜ୍ୟ ସରକାର ହକି ଖେଳ ପାଇଁ ଯେଉଁଭଳି ଭିତ୍ତିଭୂମି ସୃଷ୍ଟି କରିଛନ୍ତି ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିସହ ହକି ଖେଳାଳିଙ୍କ ସମ୍ମାନ ଓ ସ୍ମୃତି ପାଇଁ ତିଆରି ହୋଇଥିବା ପାନପୋଷ ଛକର ଉନ୍ନତୀକରଣ ହେବା ଜରୁରୀ। ଏଥିପାଇଁ ଆମେ ପୂର୍ବ ଏଡିଏମଙ୍କ ସହ କଥାବାର୍ତ୍ତା ହୋଇଥିଲୁ। ଏହି ଛକର ଉନ୍ନତୀକରଣ ପାଇଁ ସେ ଏକ ବ୍ଲୁପ୍ରିଣ୍ଟ ତିଆରି କରିଥିଲେ। ତାଙ୍କ ପରେ ଏହାକୁ ଅଣଦେଖା କରାଯାଇଛି।

**-ସିଲଭେସର ଟପୋ, ପ୍ରଥମ ହକି କୋଚ୍**



"ବିଶ୍ୱକପ୍ ହକି ପାଇଁ ସାରା ରାଉରକେଲା ସହର ସଜେଇ ହେଉଛି। ପାନପୋଷ ଛକରେ ଥିବା ହକିଷ୍ଟାଚ୍ୟୁରେ ଅଲିମ୍ପିୟାର୍ଡଙ୍କ ନାମ ଅକ୍ଷର ଖସିପଡିବା ଏକ ଅସମ୍ମାନର କଥା। ସାରା ଭାରତରେ ଏହି ଖେଳାଳିଙ୍କ ସମ୍ମାନ ଓ ସ୍ମୃତି ଉଦ୍ଦେଶ୍ୟରେ କୌଣସି ଛକରେ ଏଭଳି ଷ୍ଟାଚ୍ୟୁ ନାହିଁ। ତେଣୁ ଏହି ଛକ ସହରର ଏକ ସ୍ୱତନ୍ତ୍ର ପରିଚୟ। ଏହାକୁ ତୁରନ୍ତ ରକ୍ଷଣାବେକ୍ଷଣ କରାଯିବା ଆବଶ୍ୟକ।

**-ସୁଶାନ୍ତ କୁମାର ବେହେରା, ବରିଷ୍ଠ କ୍ରୀଡା ସମୀକ୍ଷକ**



"ବିଶ୍ୱକପ୍ ପୂର୍ବରୁ ଅବହେଳିତ ପାନପୋଷ ହକି ଛକର ଉନ୍ନତୀକରଣ କରାଯିବ। ଏଥିପାଇଁ ୧୫ କୋଟି ଟଙ୍କାର ଏକ ବ୍ଲୁ ପ୍ରିଣ୍ଟ ତିଆରି ହୋଇସାରିଛି। ଆଗାମୀ ଦୁଇ ସପ୍ତାହ ଭିତରେ ଏହି ଛକର ଉନ୍ନତୀକରଣ କାମ ଆରମ୍ଭ ହୋଇଯିବ। ବର୍ତ୍ତମାନ ଯେଉଁ ନୂତନ ହକି ଖେଳାଳିମାନେ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ସେମାନଙ୍କ ନାମ ମଧ୍ୟ ଉକ୍ତ ଷ୍ଟାଚ୍ୟୁରେ ନାମିତ ହେବ। ଛକର ସମ୍ପୂର୍ଣ୍ଣ ରୂପରେଖ ବଦଳିବ ।

**-ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଏଡିଏମ୍**

## ମହିଳା ପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

ବୋଡେନ,(ଡି.ଏନ୍.ଏ.): ବୋଡେନ ରାଜୀବଗାନ୍ଧି ସେବାକେନ୍ଦ୍ର ପରିସରରେ ମହିଳା ପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା ଆୟୋଜିତ ହୋଇଯାଇଛି। ଦ. ହଙ୍ଗର ପ୍ରୋଜେକ୍ଟ ଦ୍ୱାରା ଆୟୋଜିତ ଏହି କର୍ମଶାଳାକୁ ପ୍ରକଳ୍ପ ସଂଯୋଜକ ଚୈତନ୍ୟ ସା ଓ କ୍ଷେତ୍ର ସଂଯୋଜକ ସତ୍ୟ ମେହେର ପରିଚାଳନା କରିଥିଲେ। ୧୨ରୁ ୧୪ ତାରିଖ ତିନି ଦିନ ଧରି ଆୟୋଜିତ ଏହି କର୍ମଶାଳାରେ ସୁନାପୁର, ନାଗପଡା, ଭଇଁସାଦାନୀ ଓ ବୋଡେନ ପଞ୍ଚାୟତର ମହିଳା ପ୍ରତିନିଧି ଯୋଗଦାନ କରିଥିଲେ। ଉପସ୍ଥିତ ମହିଳା ପ୍ରତିନିଧିଙ୍କୁ ଗ୍ରାମ ପଞ୍ଚାୟତ ପରିଚାଳନା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରାଯାଇଥିଲା।

# ଚାଷୀଙ୍କୁ କାଳବୈଶାଖୀ ଚିନ୍ତା

ବରଗଡ଼ ଅଫିସ,୧୪।୬

ବରଗଡ଼ ଜିଲାରେ ମଙ୍ଗଳବାର ଅପରାହ୍ନରୁ କାଳବୈଶାଖୀ ଅନୁଭୂତ ହୋଇଛି। ଜିଲାର ବରପାଲି, ବରଗଡ଼, ଗାଇସିଲେଟ୍, ପଦ୍ମପୁର, ଝାରବନ୍ଧ, ପାଇକମାଳ ଆଦି ଅଞ୍ଚଳରେ ଝଡ଼ବର୍ଷା ହୋଇଛି। ଏଥିଯୋଗୁ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଅନ୍ୟପକ୍ଷେ ଜିଲାର ଗାଇସିଲେଟ ସମେତ ଅନ୍ୟ ସ୍ଥାନରେ ଗଛଗୁଡିକ ଭାଙ୍ଗି ଯାଇଛି। ଅନେକ ସ୍ଥାନରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇପଡିଛି। ତେବେ ଧାନ ଅମଳ ଚାଲିଥିବାରୁ କାଳବୈଶାଖୀ ଚାଷୀଙ୍କ ଚିନ୍ତା ବଢାଇ ଦେଇଛି। ଏଥିରେ ଅମଳ ଧାନ ପ୍ରଭାବିତ ହୋଇଛି। ସେହିପରି କେତେକ ଚାଷୀ ରାସ୍ତାରେ ଧାନ ଶୁଖାଇ ଥିବାବେଳେ ତାହା ମଧ୍ୟ ପ୍ରଭାବିତ ହୋଇଛି। ଭିତ୍ତିଭୂମି ଠିକ୍ ନ ଥିବା ଯୋଗୁ ମଣ୍ଡିରେ ପଡିଥିବା ଧାନକୁ ମଧ୍ୟ ଚାଷୀମାନେ ସୁରକ୍ଷିତ ମଣୁ ନାହାନ୍ତି। ଝଡବର୍ଷା ଲାଗି ରହିଲେ ଚାଷୀମାନେ ଆଗକୁ ବହୁ କ୍ଷତିର ସମ୍ମୁଖୀନ ହେବା ଆଶଙ୍କା ଦେଖାଦେଇଛି। ଫଳରେ ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷେ ମଣ୍ଡିଗୁଡିକରେ ଧାନ ଉଠାଣ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମଣ୍ଡିକୁ ମିଲର୍ସମାନେ ଆସୁ ନ ଥିବା ଯୋଗୁ ଏଭଳି ସମସ୍ୟା ଉପୁଜୁଛି। ନିଜ ଅପାରଗତାକୁ ଲୁଚାଇବା ପାଇଁ ଟୋକନ ମିଳିଥିବା ସତ୍ତ୍ୱେ ମଣ୍ଡିକୁ ଆସୁଥିବା ଧାନକୁ ତତ୍କାଳ ଏଣ୍ଟ୍ରି କରାଯାଉନାହିଁ। ଧାନ ଉଠାଣ ଦିନ ହିଁ କାଗଜପତ୍ରରେ ସେହି ଧାନକୁ ଏଣ୍ଟ୍ରି ଦର୍ଶାଯାଉଛି ବୋଲି ଚାଷୀମାନେ କହିଛନ୍ତି। ଆଗକୁ ମୌସୁମୀ ବର୍ଷା ଆସୁଛି। ଏହାକୁ ନେଇ ଚାଷୀକୁଳ ଚିନ୍ତିତ ଥିବାବେଳେ ଧାନ ଉଠାଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି ହୋଇଛି।

## ସଂକ୍ଷେପରେ

### ଦଧିବାମନଙ୍କ ଗଜାନନ ବେଶ



ବରଗଡ଼ ଅଫିସ,୧୪।୬: ପଶ୍ଚିମୋତ୍କଳ ଶ୍ରୀକ୍ଷେତ୍ର ଭାବେ ଅଭିହିତ ବରଗଡ଼ ଜିଲା ଭଟଲିର ଶ୍ରୀ ଶ୍ରୀ ଦଧିବାମନ ପୀଠରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ମଙ୍ଗଳବାର ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ପ୍ରାତଃ ସମୟରେ ଦଧିବାମନ ମହାପ୍ରଭୁଙ୍କ ପହଡଭଙ୍ଗ ନୀତି, ଦ୍ୱାର ଫିଟା ନୀତି, ମଙ୍ଗଳ ପ୍ରଦୀପ, ଅଖଣ୍ଡ ଦୀପ ପ୍ରଜ୍ୱଳନ, ସୂର୍ଯ୍ୟ ପୂଜା, ଅବକାଶ ନୀତି, ବେଶ ପରିବର୍ତ୍ତନ, ଗୋପାଳ ବଲ୍ଲଭ ଭୋଗ, ଦ୍ୱାରପାଳ ପୂଜା, ରୋଷ ପୂଜା, ସକାଳ ଧୂପ ସମାପନ ହେବା ପରେ ମହାପ୍ରଭୁଙ୍କୁ ମଙ୍ଗଳାର୍ପଣ କରାଯାଇଥିଲା। ଏହାପରେ ପ୍ରଭୁ ଦଧିବାମନ ସ୍ନାନ ମଣ୍ଡପକୁ ବିଜେ କରିଥିଲେ। ସେଠାରେ ମନ୍ଦିର ପୁରୋହିତ, ପଣ୍ଡିତ, ପୂଜକ ଏବଂ ସେବାୟତଙ୍କ ଦ୍ୱାରା ସ୍ନାନପୂଜାର ସମସ୍ତ ନୀତି କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କୁ ଅଭିମନ୍ତ୍ରିତ ଜଳରେ ସ୍ନାନ କରାଯାଇଥିଲା। ମହାସ୍ନାନ ପରେ ମହାପ୍ରଭୁଙ୍କ ଗଜାନନ ବେଶ ହୋଇଥିଲା। ପରେ ସାହାଣମେଳା ଅନୁଷ୍ଠିତ ହୋଇଥିଲା। ଏହି ଅଲୌକିକ ଗଜାନନ ବେଶ ଦର୍ଶନ କଲେ ପୁଣ୍ୟଫଳ ପ୍ରାପ୍ତି ହେବା ସହିତ ଚତୁଃବର୍ଗ ଫଳ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି।

### ବଜ୍ରପାତରେ ଯୁବକ ମୃତ

ଡୁଙ୍ଗୁରିପାଲି, ୧୪।୬(ଡ଼.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ତମାମୁରା ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ଏଥିରେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଇନ୍ଦ୍ରଜିତ ବେରିହା (୩୦ )। ଆହତ ଚନ୍ଦ୍ରଶେଖର ସେଠ (୫୦)ଙ୍କୁ ଡାକ୍ତରଖାନା ଭର୍ତ୍ତି କରାଯାଇଛି। ଏନେଇ ଡୁଙ୍ଗୁରିପାଲି ପୋଲିସ ଏକ ଅପମୃତ୍ୟୁ ମାମଲା(୭/୨୨)ରୁଜୁ କରି ବିନିକା ମେଡିକାଲ ବ୍ୟବଚ୍ଛେଦ ପାଇଁ ପଠାଇଛି। ଡୁଙ୍ଗୁରିପାଲି ଅଞ୍ଚଳରେ ଅପରାହ୍ନରେ ଘଡଘଡ଼ି ସହ ଝଡ଼ତୋଫାନ ହୋଇଥିଲା। ଏତିକିବେଳେ ତମାମୁରା ଗାଁର ଇନ୍ଦ୍ରଜିତ ଓ ଚନ୍ଦ୍ରଶେଖର ଘର ଛାତରେ କାମ କରୁଥିଲେ। ଏତିକି ବେଳେ ହଠାତ ବିଜୁଳି ସହ ବଜ୍ରପାତ ହୋଇଥିଲା। ଏଥିରେ ଉଭୟେ ଅଚେତ ହୋଇ ପଡିଥିଲେ। ପରବାର ଓ ସ୍ଥାନୀୟ ଲୋକେ ଉଭୟଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ଇନ୍ଦ୍ରଜିତଙ୍କୁ ମୃତ ଘୋଷଣା କରିଥିଲେ।

### କୋଶଲୀ ନାଟ୍ୟ ମହର୍ଷି ଭଗବାନ ସାହୁଙ୍କ ଜୟନ୍ତୀ

ବରପାଲି, ୧୪।୬(ଡି.ଏନ.ଏ ): ପଶ୍ଚିମ ଓଡ଼ିଶାର ନାଟ୍ୟ ମହର୍ଷି ତଥା ଶବ୍ଦ ନୃତ୍ୟ ଗୁରୁ ଭଗବାନ ସାହୁଙ୍କ ୯୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ମଙ୍ଗଳବାର ଭଗବାନ ସାହୁଙ୍କ ଗ୍ରାମ କୁମ୍ଭାରୀରେ ତାଙ୍କ ପ୍ରତିମୂର୍ତ୍ତିରେ ବ୍ରଜେଶରୀ ନୃତ୍ୟ କଳା ପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ବରପାଲି ଗଙ୍ଗାଧର ମେହେର କ୍ଲବ ପରିସରରେ ଶବ୍ଦ ନୃତ୍ୟ ଗୁରୁ ଭଗବାନ ସାହୁ ସ୍ମୃତି କମିଟି ଓ ବ୍ରଜେଶ୍ୱରୀ ନୃତ୍ୟ କଳା ପରିଷଦର ମିଳିତ ଆନୁକୂଲ୍ୟରେ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା। କୋଶଲୀ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ଭଗବାନ ସାହୁଙ୍କ ଅବଦାନ ପାଇଁ ଚିର ସ୍ମରଣୀୟ ହୋଇ ରହିବ ବୋଲି ବିଶିଷ୍ଟ ବ୍ୟକ୍ତି ବିଶେଷ ମତପ୍ରକାଶ କରିଥିଲେ। ଜୟନ୍ତୀ ସଭାରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ଡ. ଘନଶ୍ୟାମ ପାଣିଗ୍ରାହୀ ମୁଖ୍ୟ ବକ୍ତା, ବରପାଲି ନଗରପାଳ ଦିନେଶ ଗହୀର, ବରପାଲି ବ୍ଲକ ଅଧ୍ୟକ୍ଷା ରୀନା ଥଇତ ଓ ବିଜେଡି ନେତା ଲାଲ ବିକ୍ରମ ସିଂହ ଦେଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁବଳ ଚନ୍ଦ୍ର ମାଝି ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ମହେନ୍ଦ୍ର କୁମାର ମେହେର ସ୍ୱାଗତ ଭାଷଣ ଦେଇଥିଲେ।

### ଶ୍ରୀଜୀଉଙ୍କ ଗଜାନନ ବେଶ

ସଇଁତଳା, ୧୪।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳାରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପୂଜାର୍ଚ୍ଚନା ପରେ ମହାପ୍ରଭୁଙ୍କୁ ୧୦୮ ଗରା ସୁବାଷିତ ଜଳରେ ସ୍ନାନ କରାଯାଇଥିଲା। ପରେ ଶ୍ରୀ ଜଗନ୍ନାଥ ମହାପ୍ରଭଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ପୂଜାକର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

# ଫସଲ ବୀମା ନେଇ କୃଷିମନ୍ତ୍ରୀଙ୍କୁ ଭେଟିଲେ ଚାଷୀ ପ୍ରତିନିଧି



ଚାଷୀ ପ୍ରତିନିଧି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭେଟୁଛନ୍ତି।

ପଦ୍ମପୁର,୧୪।୬(ଡି.ଏନ.ଏ.)

ଚଳିତବର୍ଷ ଫସଲ ବୀମାକୁ ନେଇ ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳରେ ଆନ୍ଦୋଳନ ଜାରି ରହିଛି। ଏହି ସମୟରେ ପଦ୍ମପୁର ଉପଖଣ୍ଡର ଏକ ଚାଷୀ ପ୍ରତିନିଧି ଦଳ ଭୁବନେଶ୍ୱରଠାରେ କୃଷି ମନ୍ତ୍ରୀଙ୍କ ସମେତ ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ସଙ୍ଗଠନ ତରଫରୁ କିଶୋର ଦେବତା, ଜୟନ୍ତ କୁମାର ପାଣିଗ୍ରାହୀ, ସୁରେଶ ଚାନ୍ଦ, ସୌକି ମେହେର, ଧର୍ମାନନ୍ଦ ଦିଶ୍ରୀ, ଲକ୍ଷ୍ମୀ ପାଣିଗ୍ରାହୀ ପ୍ରମୁଖ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭେଟି ବୀମା କମ୍ପାନୀର ଟାଳଟୁଳ ନୀତି ସମ୍ପର୍କରେ ଅବଗତ କରାଇଛନ୍ତି। ଚାଷୀଙ୍କୁ କିପରି ଚଳିତ ମାସ ସୁଦ୍ଧା ବୀମା ରାଶି ମିଳିବ ସେ ନେଇ ମଧ୍ୟ ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିଲା। ପରେ ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ, କୃଷି ବିଭାଗର ନୋଡାଲ ଅଫିସର ରାଜେଶ ଦାସ, ସମବାୟ ରେଜିଷ୍ଟ୍ରାର ଏସ୍. ମାଝିଙ୍କ ସହ ଚାଷୀ ପ୍ରତିନିଧି ଆଲୋଚନା କରିଥିଲେ। ବରଗଡ଼ ଜିଲାର ବୀମା ସମ୍ପର୍କରେ ଏମ୍‌ପି ପଟ୍ଟନାୟକ ସମବାୟ କମିଶନର ସଞ୍ଜୀବ ଚଢାଙ୍କ ସହିତ ଆଲୋଚନା କରିବା ସହ ଆସନ୍ତା ୨୦ ତାରିଖରେ ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଜୁନ ସୁଦ୍ଧା ବୀମାରାଶି ନ ମିଳିଲେ ଜୁଲାଇ ପ୍ରଥମ ସପ୍ତାହରେ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର କୃଷି ଭବନ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚାଷୀ ନେତା କିଶୋର ଦେବତା କହିଛନ୍ତି।

# ଲୋକକଳା ଏକାଡେମୀ ଦାବି କଲା ପଶ୍ଚିମ ଓଡ଼ିଶା କଳାକାର ମହାସଂଘ

ବରଗଡ଼ ଅଫିସ,୧୪।୬




ଲୋକକଳା ଦିବସ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

କଳା ବଞ୍ଚିଲେ ସଂସ୍କୃତି ବଞ୍ଚିବ। ଲୋକକଳାକୁ ବଞ୍ଚାଇବା ପାଇଁ କଳାକାର, କଳାପ୍ରେମୀ ଓ ସରକାର ଆଗେଇ ଆସିବା ଉଚିତ ବୋଲି ବରଗଡ଼ଠାରେ ମଙ୍ଗଳବାର ପଶ୍ଚିମ ଓଡିଶା କଳାକାର ମହାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଲୋକକଳା ଦିବସରେ ମତପ୍ରକାଶ ପାଇଛି। ସ୍ଥାନୀୟ ରାଣାପ୍ରତାପ ସ୍କୁଲ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିଲେ। ରାଜ୍ୟ କଳାକାର ମହାସଂଘ ଉପସଭାପତି ତଥା ବରଗଡ଼ ଧନୁଯାତ୍ରା କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପଶ୍ଚିମ ଓଡିଶା କଳାକାର ମହାସଂଘ ତଥା ରାଜ୍ୟ କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ, ଜିଲା କଳାକାର ସଂଘ ଉପସଭାପତି ଅମୃତଲାଲ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଶ୍ଚିମାଞ୍ଚଳର କଳା ଓ କଳାକାର ମାନଙ୍କ ପ୍ରତି ହେଉଥିବା ଅବିଚାର କଥା ଉଲ୍ଲେଖ କରି ଏହାର ସମାଧାନ ପାଇଁ ଲୋକକଳା ଏକାଡେମୀ ଗଠନ ପ୍ରସ୍ତାବ ଦେଇଥିଲେ। ସରକାରୀ ସ୍ତରରେ ଲୋକକଳା ଦିବସ ପାଳନ କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟ ବୋଲି ସେ ଉଲ୍ଲେଖ କରିଥିଲେ। ପଶ୍ଚିମ ଓଡିଶା କଳାକାର ମହାସଂଘ ସଂଯୋଜକ ପ୍ରମୋଦ ଦାଶ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଖଗେଶ୍ୱର ସାହୁ ଓ ସାଥୀଙ୍କ ଦ୍ୱାରା କରମସାନୀ ପରିବେଷଣ କରାଯାଇଥିଲା। ଏହି ଅବସରରେ ଲୋକକଳା ପ୍ରତି ସମର୍ପିତ ପ୍ରତିଭା ନରେନ୍ଦ୍ର କଣ୍ଡା, ବାଲେଶ୍ୱର କୁଅଁର, ଶିବାଜୀ ପ୍ରଧାନ, ଅନିରୁଦ୍ଧ ପାଇକ, ରାଜେଶ ବାରିକ, ଖଗେଶର ସାହୁ, ପ୍ରମୋଦ ଦାଶ, ଏସ୍. ବବଲି ଓ ଭାରତୀ କଳା ପରିଷଦର ସଭ୍ୟାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦାନନ୍ଦ ଜାଲ, ଭରତ ପ୍ରଧାନ, ରାଜେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ। ମିଳିତ କଳାକାର ମଞ୍ଚ ସମ୍ପାଦକ ଡ଼ଃ ଡୋଲାମଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବୌଦ୍ଧରେ ବିଶ୍ୱ ରକ୍ତଦାତା ଦିବସ ପାଳିତ

ବୌଦ୍ଧ,୧୪।୬(ସ୍ୱ.ପ୍ର.)

ବୌଦ୍ଧ ଜିଲା ରେଡକ୍ରସ, ଜିଲା ସ୍ୱାସ୍ଥ୍ୟବିଭାଗ ଏବଂ ରକ୍ତଦାତା ପ୍ରବର୍ତ୍ତକ ସଂଘର ମିଳିତ ଆନୁକୂଲ୍ୟରେ ବିଶ୍ୱରକ୍ତଦାତା ଦିବସ ପାଳିତ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ତାଲିମ ଶିବିରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଭୟ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ବବିତା ଦଳବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ରେଡକ୍ରସ ସଂପାଦକ ଅବନୀକାନ୍ତ ସାହୁ, ଡା.ଭି.କେ. ରାମଚନ୍ଦ୍ର ଦେବ ହେମ୍ବ୍ରମ ଯୋଗଦାନ କରି ରକ୍ତଦାନ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶହେରୁ ଅଧିକ ଥର ରକ୍ତଦାନ କରିଥିବା ଜୟନାରାୟଣ ମହାନ୍ତି, ଇଂ.ସଞ୍ଜୟ କୁମାର ପଣ୍ଡା, ଦେବାଶିଷ ପୁରୋହିତ. ଅଧ୍ୟାପକ ପ୍ରବିର କୁମାର ଦାଶ, ୫୦ରୁ ଅଧିକ ଥର ରକ୍ତଦାନ କରିଥିବା ଜଗଦୀଶ ବାରିକ, ରାଧେଶ୍ୟାମ ସିଂଘଲ, ସୁଶାନ୍ତ କୁମାର ମହାପାତ୍ର, ପ୍ରଭାତ କୁମାର ମିଶ୍ର, ବିରଳ ରକ୍ତଗ୍ରୁପ ରକ୍ତଦାତା ସନ୍ତୋଷ କୁମାର ସାହୁଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆନୁଷ୍ଠାନିକ ଭାବେ ରକ୍ତଦାନ ଶିବିର ଆୟୋଜନ କରୁଥିବା ସଂସ୍ଥା ଆମ ପରିବାର, ଆମ ଓଡିଶା, ଆମ ପୋଲିସ ଓ ସତ୍ୟସାଇ ସେବା ଅନୁଷ୍ଠାନକୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମିଳିତ ଭାବେ ରକ୍ତଦାନ କାର୍ଯ୍ୟକ୍ରମ ରକ୍ତଭଣ୍ଡାର ଠାରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ଚତୁର୍ଭୁଜ ବାରିକ, ଦିଲିପ କୁମାର ସାହୁ, ଦେବଦତ୍ତ କିଷାନ ରକ୍ତ ସଂଗ୍ରହରେ ସାହାଯ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ଗିରିଜା ପ୍ରସାଦ ମିଶ୍ର, ରଘୁନାଥ ସାହୁ ଏବଂ ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିଲେ।

# ବୀରମହାରାଜପୁରରେ ଦେବସ୍ନାନ ପୂର୍ଣ୍ଣିମା



ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ଅବସରରେ ଚତୁର୍ଦ୍ଧା ବିଗ୍ରହ ଓ ସେବାୟତ।

ଅମରପାଲି, ୧୪।୬(ଡି.ଏନ.ଏ)

ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମି ନୀତିକାନ୍ତି ସହ ସମାପନ ହୋଇଛି। ଭୋର ଚାରିଟାରେ ଦ୍ୱାରଫିଟା, ଅବକାଶ, ସୂର୍ଯ୍ୟପୂଜା, ଦଶଦିଗପାଳ ପୂଜା ଆଳତୀ ପରେ ବିଗ୍ରହଙ୍କୁ ସୁବାସିତ ଖେଚୁଡି ଭୋଗ ଅର୍ପଣ କରାଯାଇଥିଲା। ଏହାପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଧାଡ଼ି ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ଶ୍ରୀଜୀଉମାନଙ୍କୁ ୧୦୮ ଗରା ଜଳରେ ସ୍ନାନ କରାଯାଇଥିଲା। ଶେଷରେ ଚତୁର୍ଦ୍ଧା ବିଗ୍ରହ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମନ୍ଦିର କମିଟିର ମୁଖ୍ୟଟ୍ରଷ୍ଟି ବିଷ୍ଣୁ ଚରଣ ପଣ୍ଡା, ମୁଖ୍ୟ ବାଡ଼ଗ୍ରାହୀ ଭଗବାନ ମିଶ୍ର, ପହୁଣ୍ଡି କମିଟି ମୁଖ୍ୟ ଦ୍ୱିତୀକୃଷ୍ଣ ପଣ୍ଡା, ସହ ପ୍ରଭାରୀ ଯୁଗଳ କିଶୋର ମିଶ୍ର, ଶିବ ରମଣ ପଣ୍ଡା, ଲଳିତ କୁମାର କର, ସତ୍ୟନାରାୟଣ ଚାନ୍ଦ, ଦିଲ୍ଲୀପ କୁମାର ତ୍ରିପାଠୀ, ପଣ୍ଡିତ ବାସୁଦେବ ରଥ, ଦିଲ୍ଲୀପ କୁମାର ମିଶ୍ର ରାଜେଶ ପାଣିଗ୍ରାହୀ, ପଣ୍ଡିତ ସନ୍ୟାସୀ ଶତପଥୀ, ପ୍ରମୁଖ ପରିଚାଳନା କରିଥିଲା। ଲଳିତ କୁମାର ପଣ୍ଡା ଗଜପତି କାର୍ଯ୍ୟ ନିର୍ବାହ କରିଥିଲେ। ଶେଷରେ ବିଗ୍ରହମାନଙ୍କୁ ଅଣସର ଘରକୁ ନିଆଯାଇଥିଲା।

# ବିଶ୍ୱ ରକ୍ତଦାତା ଦିବସରେ ସଚେତନତା ରାଲି



ବିଶ୍ୱ ରକ୍ତଦାନ ଦିବସ ଅବସରରେ ସୋନପୁରରେ ବାହାରିଥିବା ସଚେତନତା ରାଲି।

ସୋନପୁର,୧୪।୬(ନି. ପ୍ର)

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ ପ୍ରକୋଷ୍ଠରେ ବିଶ୍ୱ ରକ୍ତଦାତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପଦ୍ମହଂସା ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଜିଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମସ୍ତ ସୁସ୍ଥ ବ୍ୟକ୍ତି ରକ୍ତଦାନ କରିବା ସକାଶେ ସଂକଳ୍ପ ନେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ମହତ କାର୍ଯ୍ୟରେ ସମସ୍ତେ ସାମିଲ ହୋଇ ଅମୂଲ୍ୟ ଜୀବନ ବଞ୍ଚାଇବାକୁ ଏସ୍‌ପି ପଣ୍ଡା ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ନଗରପାଳ ପ୍ରକାଶ ଚନ୍ଦ୍ର ସାହୁ, ମଞ୍ଜୁରାଣୀ ସିଂ ଏଡିପିଏଚଓ ପରିବାର କଲ୍ୟାଣ, ଏନଏଚଏମ ଡିପିଏମ ବିଶ୍ୱମ୍ବର ବେହେରା, ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ ମଞ୍ଚାସୀନ ଥିଲେ। ସକାଳେ ସୋନପୁର କଲେଜ ଏନସିସିର ଆଶିଷ ଅଗ୍ରୱାଲଙ୍କ ନେତୃତ୍ୱରେ ସମର ଶିକ୍ଷାର୍ଥୀ ବାହିନୀ, ମୁଖ୍ୟ ଚିକିତ୍ସାଳୟର କର୍ମକର୍ତ୍ତା, ସ୍ୱଚ୍ଛ ଭାରତ ସଂଗଠନ, ଜିଲା ରକ୍ତଦାତା ସେବା ସଙ୍ଘ ଓ ଅଗ୍ରଣୀ ସମାଜସେବୀ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସୋନପୁର ସହର ପରିକ୍ରମା କରିଥିଲେ। ଏହି ଅବସରରେ ଜିଲାର ମାହେଶ୍ୱରୀ ସେନା, ମାହେଶ୍ୱରୀ ସଂଗଠନ, ଡବ୍ଲ୍ୟୁଓୱାଇଏମ, ସେବା ଫାଉଣ୍ଡେସନ, ବଜରଙ୍ଗ ଦଳ, ଜିଲା ରକ୍ତଦାତା ସଙ୍ଘ ସହିତ ରକ୍ତଦାତା ବ୍ରଜେଶ୍ୱରୀ ପାତ୍ର, ଦେବରାଜ ଦାସ, ମନୋଜ ପଣ୍ଡା ଓ ମୋହନ ଦଣ୍ଡିଆ ପ୍ରମୁଖଙ୍କୁ ସ୍ୱତନ୍ତ୍ର ମାନପତ୍ର ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମନୋରଞ୍ଜନ ତ୍ରିପାଠୀ ଓ ରକ୍ତଦାତା ମନୋଜ ପଣ୍ଡା ନିଜର ଅନୁଭୂତି ସମ୍ପର୍କରେ ସୂଚନା ଦେଇଥିଲେ। ପରେ ରକ୍ତ ଭଣ୍ଡାରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅକ୍ରୁର କୁମାର ହୋତା ସଭା ପରିଚାଳନା କରିଥିଲେ। ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହରିଶଙ୍କରରେ ମାରପିଟ୍, ୧୦ ଅଟକ

ଖପ୍ରାଖୋଲ, ୧୪।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଝରଣାକୂଳରେ ଦୁଇ ଗୋଷ୍ଠୀ ମଧ୍ୟରେ ମଙ୍ଗଳବାର ଗଣ୍ଡଗୋଳ ଘଟିଛି। ଏଥିରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବଲାଙ୍ଗୀର ପଠାଯାଇଛି। ଗଣ୍ଡଗୋଳ ଘଟଣାରେ ୧୦ଜଣଙ୍କୁ ଖପ୍ରାଖୋଲ ଥାନା ପୋଲିସ ଅଟକ ରଖିଛି। ସୂଚନା ଅନୁସାରେ ମଧ୍ୟାହ୍ନରେ କେତେକ ଯୁବକ ଝରଣାକୂଳରେ ନିଶା ସେବନ କରୁଥିଲେ। ସ୍ଥାନୀୟ ଦୁଇଜଣ ଯୁବକ ସେମାନଙ୍କୁ ଝରଣା କୂଳରେ ଏପରି ନ କରିବାକୁ ବାରଣ କରିଥିଲେ। ଏଥିରେ ଯୁବକମାନେ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କ ସହ ମାରପିଟ୍ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ମାରପିଟ ହେବା ଖବର ପାଇ ଖପ୍ରାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗୁରୁତର ଦୁଇଜଣଙ୍କୁ ଉଦ୍ଧାର କରି ପ୍ରଥମେ ଖପ୍ରାଖୋଲ ଓ ପରେ ବଲାଙ୍ଗୀର ପଠାଇଛି।

# ରଜ ଅବସରରେ କଂସ ଦରବାର

ଦେଓଗାଁ,୧୪।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ କଲେଜ ଛକ ନିକଟରେ ମଙ୍ଗଳବାର ରଜପର୍ବ ପାଳନ ଅବସରରେ କଂସ ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜବାହର ସାଂସ୍କୃତିକ ସଂଘ ଆୟୋଜନରେ ଅନୁଷ୍ଠିତ ଉତ୍ସବର ଉଦ୍‌ଘାଟନୀ ଦିବସରେ ପ୍ରତିଷ୍ଠାତା ସଦସ୍ୟ ଜ୍ୟୋତି ବିକାଶ ବାରିକଙ୍କ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର, ଡା. ଶଶୀଭୂଷଣ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହିଦିନ କଂସ ମହାରାଜ ଦେଓଗାଁ ନଗର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୀନାବଜାର ଓ ଡ୍ୟାନ୍ସ ଧମାକା ମୁଖ୍ୟ ଆକର୍ଷଣ ସାଜିଛି।



କଂସ ଓ ପାତ୍ର ମନ୍ତ୍ରୀ ନଗର ପରିକ୍ରମା କରୁଛନ୍ତି।

# ଆଧ୍ୟାତ୍ମିକ ଚେତନା ସହିତ ବ୍ୟକ୍ତିତ୍ୱ ନିର୍ମାଣ ଆବଶ୍ୟକ

## ଶ୍ରୀରାମକୃଷ୍ଣ ଆଶ୍ରମର ୩୦ତମ ପ୍ରତିଷ୍ଠା ଦିବସ

ମ.ରାମପୁର,୧୪।୬(ଡି.ଏନ.ଏ.)




ସଭାରେ ମଞ୍ଚାସୀନ ଅତିଥି।

କଳାହାଣ୍ଡି ଜିଲା ମ.ରାମପୁର ସହରସ୍ଥିତ ଶ୍ରୀରାମକୃଷ୍ଣ ଆଶ୍ରମର ୩୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଆଡମ୍ବର ସହକାରେ ପାଳନ ହୋଇଛି। ପ୍ରାତଃ କାଳରୁ ହୋମ,ଯଜ୍ଞ, ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନ୍ତେବାସୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ଟା ବେଳେ ଆଶ୍ରମ ପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟ ସ୍ୱର୍ଗତ ବୈରାଗ୍ୟାନନ୍ଦ ମହାରାଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ସ୍ତୁତିଚାରଣ କରାଯାଇଥିଲା। ମୋଟଗଣ୍ଡା ଆଶ୍ରମରେ ପୂର୍ବାହ୍ନ ୧୦ଟାରୁ ସାଢେ ୧୨ଟା ପର୍ଯ୍ୟନ୍ତ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଆଶ୍ରମ ସମ୍ପାଦକ ଅଶୋକାନନ୍ଦ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଧ୍ୟାତ୍ମିକ ସଭାରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟଅତିଥି, ପୂର୍ବାଙ୍ଗ ଉତ୍କଳ ଉନ୍ନୟନ ନାଗିମଣ୍ଡଳ ରାଜ୍ୟ ସଭାପତି ସୀତାବଲ୍ଲଭ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସାଧୁଗଣଙ୍କ ମଧ୍ୟରୁ କଲିକତା ବାରାକ୍‌ପୁର ରାମକୃଷ୍ଣ ମିଶନର ସମ୍ପାଦକ ସ୍ୱାମୀ ନିତ୍ୟରୂପାନନ୍ଦ, କଲିକତା ଆଲାମବଜାର ମଠ ସମ୍ପାଦକ ସ୍ୱାମୀ ସାରଦାତ୍ମାନନ୍ଦ, କଲିକତା ମହେଶ ଶ୍ରୀରାମକୃଷ୍ଣ ଆଶ୍ରମ ଉପସଭାପତି ସ୍ୱାମୀ ବଳଦେବାନନ୍ଦ, କନ୍ଧମାଳ ଜିଲା ଜାଲେଶପଟା ଆଶ୍ରମର ସମ୍ପାଦକ ସ୍ୱାମୀ ଜିମୁତାନନ୍ଦ, ଭବାନୀପାଟଣା ଚିନ୍ମୟମିଶନ ସମ୍ପାଦକ ସ୍ୱାମୀ ଅମେୟାନନ୍ଦ, ନ୍ୟାସୀମଣ୍ଡଳ ଓଡିଶା ପୁରୋଧା ପର୍ଶୁରାମ ଦ୍ୱିବେଦୀ, ଲେଖକ ସମବାୟ ସମିତି ଭୁବନେଶ୍ୱର ପୁରୋଧା ରମାକାନ୍ତ ମିଶ୍ର, ନ୍ୟାସୀମଣ୍ଡଳ ସମ୍ପାଦକ ଓଡିଶା ରାମନାରାୟଣ ମିଶ୍ର, ସୋନପୁରର ନରେନ୍ଦ୍ର କୁମାର ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କଳାହାଣ୍ଡି ଜିଲାରେ ପ୍ରତିଷ୍ଠିତ ଶ୍ରୀରାମକୃଷ୍ଣ ଆଶ୍ରମର ସୁଖ୍ୟାତି ରହିଥିବା ବେଳେ ବକ୍ତାମାନେ ସ୍ୱର୍ଗତ ବୈରାଗ୍ୟାନନ୍ଦଙ୍କ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା, ଜିଲା ବାହାର ଏବଂ ପଶ୍ଚିମବଙ୍ଗର ବାରାମପୁର, ନିମପୀଠ, ରିଷିଡା ଅଞ୍ଚଳରୁ ୩୦ ଜଣ ସାଧୁ ଯୋଗ ଦେଇଥିଲେ। ପ୍ରତିଷ୍ଠା ଦିବସ ଅବସରରେ ୫୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆଧ୍ୟାତ୍ମିକ ଚେତନା ସହିତ ବ୍ୟକ୍ତିତ୍ୱ ନିର୍ମାଣ ପ୍ରୟାସ ବଳରେ ସମାଜସେବା ତଥା ଦେଶଗଠନ କରିହେବ ବୋଲି ସାଧୁମାନେ ମତବ୍ୟକ୍ତ କରିଥିଲେ। ହେମନ୍ତ ମୁଣ୍ଡ ସଭା ସଞ୍ଚାଳନ କରିଥିବା ବେଳେ ଗୋଧୂଳି ସମ୍ପାଦିକା ବିମଳା ସିଂହ ସଂଯୋଜନା କରିଥିଲେ। ବଟକିଶୋର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଆଶ୍ରମର ୨୫ଜଣିଆ ଜରାଶ୍ରମ, ଆଦିବାସୀ ଛାତ୍ରାବାସ, ବର୍ଷକୁ ବହୁସଂଖ୍ୟକ ରୋଗୀଙ୍କୁ ସେବା ଯୋଗାଇ ପାରୁଥିବା ବହୁବିଧ ଭ୍ରାମ୍ୟମାଣ ଚିକିତ୍ସା ସେବା, ନିଶାନିବାରଣ କେନ୍ଦ୍ର, ବିବେକାନନ୍ଦ ପୁସ୍ତକ ସଂଗ୍ରହାଳୟ, ୧୫୦ କ୍ଷମତା ବିଶିଷ୍ଟ ଆବାସିକ ବିଦ୍ୟାଳୟ ଆଦି ପରିଚାଳିତ ହୋଇଆସୁଛି।

